୩୧ ମାର୍ଚ୍ଚ ୨୦୨୪ ରବିବାର




# ମାଷ୍ଟର କ୍ରିକେଟର



## ଇଣ୍ଡିଆନ ପ୍ରିମିୟର ଲିଗ୍ (ଆପିଏଲ୍)ର ଚଳିତ ସଂସ୍କରଣକୁ ନେଇ ସବୁ କ୍ରିକେଟ୍‌ପ୍ରେମୀ ବେଶ୍ ଉତ୍ସାହିତ । ତେବେ ଏଥର ଆପିଏଲ୍‌ର ସବୁଠୁ ଚର୍ଚ୍ଚିତ ଖେଳାଳି ଭାବେ ଉଭା ହୋଇଛନ୍ତି ମହେନ୍ଦ୍ର ସିଂ ଧୋନି । ନିଜର ପ୍ରିୟ କ୍ରିକେଟ୍‌ର ମାହିଙ୍କର ଏହା ଶେଷ ଟୁର୍ଣ୍ଣାମେଣ୍ଟ ହୋଇପାରେ ବୋଲି ପ୍ରଶଂସକଙ୍କ ମହଲରେ ଆଲୋଚନା ଜୋର୍ ଧରିଛି ।

ଆପିଏଲ୍ ଦେଖିବାକୁ କେବଳ ଭାରତୀୟ ନୁହନ୍ତି ସମଗ୍ର ବିଶ୍ୱର କ୍ରିକେଟ୍‌ପ୍ରେମୀ ଅପେକ୍ଷା କରିଥାଆନ୍ତି । ସେହିଭଳି ଆପିଏଲ୍‌କୁ ନେଇ ସବୁବେଳେ ଅନେକ ଚର୍ଚ୍ଚା ମଧ୍ୟ ହୋଇଥାଏ । ଅନ୍ୟ ସମସ୍ତ ସିଜିନ୍ ଭଳି ଚଳିତ ସିଜନ୍‌ରେ ଭାଗନେଇଥିବା ଟିମ୍‌କୁ ନେଇ ତାଙ୍କ ଫ୍ୟାନ୍‌ମାନେ ବେଶ୍ ଏକ୍ସସାଇଟେଡ୍ ଥିଲେ । ହେଲେ ସିଏସ୍‌କେ ବା ଚେନ୍ନାଇ ସୁପରକିଙ୍ଗର ଫ୍ୟାନଙ୍କ ପାଇଁ ଆପିଏଲ୍ ଆରମ୍ଭରୁ ଲାଗିଥିଲା ଝଟକା । ତାଙ୍କ ପ୍ରିୟ ଖେଳାଳି ମହେନ୍ଦ୍ର ସିଂ ଧୋନି ନିଜର ଅଧିନାୟକ ପଦରୁ ଓହରି ଯାଇଥିଲେ ।
ଆପିଏଲ୍ ଟୁର୍ଣ୍ଣାମେଣ୍ଟର ଗୋଟିଏ ଦିନ ପୂର୍ବରୁ ଧୋନି ଅଧିନାୟକ ପଦରୁ ଓହରିଯିବା ସିଏସ୍‌କେ ଫ୍ୟାନ୍‌ଙ୍କୁ କେତେକାଂଶରେ ନିରାଶ କରିଥିଲା । ଓପନିଂ ସେରିମନିରେ ହେଉଥିବା କ୍ୟାପ୍ଟେନ୍ ଫଟୋସୁଟ୍‌ରେ ତାଙ୍କ ସ୍ଥାନରେ ଋତୁରାଜ ଗାୟକୱାଡ୍‌ଙ୍କୁ ଧୋନିଙ୍କ ସ୍ଥାନରେ ଦେଖିବାକୁ ମିଳିଥିଲା । ଆପିଏଲ୍ ମ୍ୟାନେଜ୍‌ମେଣ୍ଟ ଧୋନିଙ୍କ ସ୍ଥାନରେ ଗାୟକୱାଡ ଅଧିନାୟକ ପଦ ସମ୍ଭାଳିବା ନେଇ କନଫର୍ମ କରିଥିଲେ । ଧୋନି ଅଧିନାୟକ ପଦ ଛାଡିଲେ ମଧ୍ୟ ଖେଳିବା ଜାରି ରଖିବେ ବୋଲି ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଥିଲା । ତେବେ ବର୍ତ୍ତମାନ ଆଲୋଚନା ଜାରି ରହିଛି ୪୨ ବର୍ଷୀୟ ଧୋନିଙ୍କର ଏହା ହେବ ଶେଷ ଆପିଏଲ ସିଜିନ୍ । ଆସନ୍ତା ଆପିଏଲ୍‌ରେ ତାଙ୍କ ଫ୍ୟାନ୍ ଆଉ ମାହିଙ୍କର କ୍ରିକେଟ୍ ଜଲୱା ପଡିଆରେ ଦେଖିବାକୁ ପାଇବେ ନାହିଁ । ତେବେ ଏହି ଖବର ବର୍ତ୍ତମାନ ସୁଦ୍ଧା ଏକ ଚର୍ଚ୍ଚା ହୋଇ ରହିଛି, ଏନେଇ ସିଏସ୍‌କେ ଟିମ୍ ମ୍ୟାନେଜ୍‌ମେଣ୍ଟ କିମ୍ବା ଧୋନି କେହି ହେଲେ ବି କୌଣସି ସୂଚନା ଦେଇ ନାହାନ୍ତି । ସେହିଭଳି ଫ୍ୟାନ୍‌ମାନେ ତାଙ୍କ










ପ୍ରିୟ ମାହିଙ୍କୁ ଆହୁରି କିଛି ବର୍ଷ ପଡିଆରେ ଦେଖିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

## ଚେପକ୍‌ରେ ଖେଳିବି ଶେଷ ମ୍ୟାଚ୍

ଗତ ଆପିଏଲ୍ ସିଜିନ୍‌ରେ ଧୋନି ନିଜର ଶେଷ ମ୍ୟାଚ୍ ଚେପକ୍ ଷ୍ଟାଡିୟମରେ ଖେଳିବେ ବୋଲି ମତ ଦେଇଥିଲେ । ତେବେ ପୂର୍ବ ଟୁର୍ଣ୍ଣାମେଣ୍ଟରେ ସିଜିନ୍‌ର ଫାଇନାଲ ମ୍ୟାଚ୍ ଗୁଜୁରାଟର ନରେନ୍ଦ୍ରମୋଦି ଷ୍ଟାଡିୟମରେ ହୋଇଥିଲା । ଏଥିରେ ସିଏସ୍‌କେ ବିଜୟୀ ମଧ୍ୟ ହୋଇଥିଲା । ହେଲେ ଏହା ଚେପକ୍ ଷ୍ଟାଡିୟମ ନଥିବାରୁ ଧୋନି ଆଉ ଏକ ସିଜିନ୍ ଖେଳିବା ନେଇ ସମସ୍ତେ ଆଶାବାଦୀ ଥିଲେ । ହେଲେ ଚଳିତଥର ସିଏସ୍‌କେ ନିଜର ପ୍ରଥମ ମ୍ୟାଚ୍ ଚେପକ୍ ଷ୍ଟାଡିୟମରେ ଖେଳିଛି । ତେଣୁ ଏହା ଧୋନିଙ୍କର ଶେଷ ସିଜିନ୍ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ଦେଖିବାକୁ ବାକି ରହିଲା ଏହି ସିଜିନ୍‌ର ଫାଇନାଲ୍ ମ୍ୟାଚ୍ କିମ୍ବା ଆଉ କେଉଁ ମ୍ୟାଚ୍ ଚେପକ୍ ଷ୍ଟାଡିୟମରେ ଖେଳାଯିବ ଯାହା ଧୋନିଙ୍କର ଶେଷ ମ୍ୟାଚ୍ ହେବ ।

## ୨୦୨୨ରେ ବଦଳିଥିଲେ କ୍ୟାପ୍ଟେନ୍

କେବଳ ଚଳିତ ଥର ନୁହେଁ ପୂର୍ବରୁ ମଧ୍ୟ ସିଏସ୍‌କେ ନିଜର ଅଧିନାୟକ ବଦଳାଇ ସାରିଛି । ଋତୁରାଜ ଗାୟକଓ୍ୱାଡ ହେଉଛନ୍ତି ସିଏସ୍‌କେର ଚତୁର୍ଥ କ୍ୟାପ୍ଟେନ୍ । ଏହା ପୂର୍ବରୁ ରବିନ୍ଦ୍ର ଜାଡେଜା ୮ଟି ଓ ସୁରେଶ ରୈନା ୫ଟି ମ୍ୟାଚ୍‌ରେ ସିଏସ୍‌କେର ଅଧିନାୟକ ଦାୟିତ୍ୱ ସମ୍ଭାଳିଥିଲେ । ସେହି ସମୟରେ ଧୋନି ଅସୁସ୍ଥତା କିମ୍ବା ଅନ୍ୟ କୌଣସି କାରଣ ପାଇଁ ଏହି ମ୍ୟାଚ୍ ଗୁଡିକରୁ ଅଧିନାୟକ ପଦରୁ ଓହରିଥିଲେ । ୨୦୨୨ରେ ଜାଡେଜାଙ୍କୁ ଟିମ୍ ମୈଦାନକୁ ଓହ୍ଲାଇବା ଆଗରୁ ଅଧିନାୟକ ପଦ ଦିଆଯାଇଥିଲା, ହେଲେ ଜାଡେଜାଙ୍କ ଅଧିନାୟକତ୍ୱରେ ଟିମ୍ ଖେଳିଥିବା ୫ଟି ମ୍ୟାଚ୍‌ରୁ ୨ଟି ଜିତିଥିଲା । ଯାହାଫଳରେ ତାଙ୍କୁ ଟୁର୍ଣ୍ଣାମେଣ୍ଟ ଅଧାରେ ହିଁ ଅଧିନାୟକ ପଦ ଛାଡିବାକୁ ହୋଇଥିଲା ।

ଏହାପରେ ପୁଣି ମାହିଙ୍କୁ ସିଏସ୍‌କେର ଅଧିନାୟକ ଭାବେ ଦର୍ଶକ ଦେଖିଥିଲେ । ଏହାପରେ ଟିମ୍ ଖେଳିଥିବା ୬ଟି ମ୍ୟାଚ୍‌ରୁ ୨ଟି ମ୍ୟାଚ୍ ଜିତିଥିଲା । ସେହି ବର୍ଷ ଟିମ୍ ୧୪ ଟି ମ୍ୟାଚ୍‌ରେ ମାତ୍ର ୪ଟି ଜିତି ୯ ନମ୍ବରରେ ରହିଥିଲା । ବର୍ତ୍ତମାନ ନିଜର ପୁରୁଣା ନିଷ୍ପତ୍ତିର ପୁନରାବୃତ୍ତି କରିଛି ସିଏସ୍‌କେ, ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ଜଣେ ନୂଆ ଖେଳାଳିଙ୍କୁ ଦଳର କମାଣ୍ଡ୍ ଅର୍ପଣ କରିଛି। ଯାହାକୁ ନେଇ ସିଏସ୍‌କେର ଫ୍ୟାନ ଆଶଙ୍କା ପ୍ରକାଶ କରିଛନ୍ତି । ଯାହା ଧୋନିଙ୍କର ଡିମାଣ୍ଡ୍‌କୁ ବଢାଇଛି ।

## ୧୦୦ ମ୍ୟାଚ୍ ଜିତାଇଥିବା ଅଧିନାୟକ

ଏମ୍‌ଏସ୍ ଧୋନି ଆପିଏଲ୍ ଇତିହାସର ସବୁଠାରୁ ସଫଳ ଅଧିନାୟକ, ଯାହାଙ୍କ ଅଧିନାୟିକତ୍ୱରେ ଦଳ ଖେଳିଥିବା ୨୨୬ଟି ମ୍ୟାଚ୍‌ରୁ ୧୩୩ଟି ମ୍ୟାଚ୍ ଜିତିଛି । ଧୋନିଙ୍କ କ୍ୟାପ୍ଟେନ୍ସିରେ ଧୋନି ୫ଥର ଆପିଏଲ୍ ଚାମ୍ପିଅନ ହୋଇଛି ।







ତେବେ ଧୋନି ହେଉଛନ୍ତି ପ୍ରଥମ କ୍ୟାପ୍ଟେନ୍ ଯିଏ ଦଳକୁ ୧୦୦ରୁ ଅଧିକ ଆପିଏଲ୍ ମ୍ୟାଚ୍ ଜିତାଇଛି । ସେହିଭଳି ଜଣେ ଖେଳାଳି ଭାବେ ଧୋନି ୨୫୦ରୁ ଅଧିକ ମ୍ୟାଚ ଖେଳି ସାରିଛନ୍ତି । ଯେଉଁଥିରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୩୫.୯୨ ଥିବାବେଳେ ସେ ପାଖାପାଖି ୫୦୮୨ ରନ୍ ସଂଗ୍ରହ କରିଛନ୍ତି । ୨୦୧୦, ୨୦୧୧, ୨୦୧୮, ୨୦୨୧,୨୦୨୩ ରେ ଦଳ ତାଙ୍କ ଅଧିନାୟିକତ୍ୱରେ ଆପିଏଲ୍ ଚାମ୍ପିୟନ ହୋଇଛି । ସେହିଭଳି ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୫, ୨୦୧୮, ୨୦୧୯, ୨୦୨୧, ୨୦୨୩ରେ ଦଳ ଫାଇନାଲରେ ପହଞ୍ଚିଥିଲା । ତେଣୁ ଯଦି ଧୋନି ଏହି ସିଜିନ୍ ପରେ ଆଇପିଏଲ୍ ନଖେଳନ୍ତି କିମ୍ବା ଅଧିନାୟକ ପଦ ନସମ୍ଭାଳନ୍ତି, ତେବେ ଏହା ଆଇପିଏଲ୍‌ର ଗୋଟିଏ ଲିଜେଣ୍ଡାରୀ କ୍ୟାପ୍ଟେନ୍ସି ଯୁଗର ଅନ୍ତ ହେବ ବୋଲି ଚର୍ଚ୍ଚା ହେଉଛି ।

## ଏହା ହୋଇନପାରେ ଶେଷ

ତେବେ ଧୋନିଙ୍କର ଆପିଏଲ୍ ଅବସରକୁ ନେଇ ଜୋରଦାର ଚର୍ଚ୍ଚା ଲାଗିଥିବାବେଳେ ତାଙ୍କ ପିଲାଦିନର ସାଙ୍ଗ ପରମ ଜିତ ସିଂଙ୍କର କିନ୍ତୁ ରହିଛି ଅନ୍ୟ ମନ୍ତବ୍ୟ । ତାଙ୍କ ମନ୍ତବ୍ୟ ଅନୁସାରେ ଆପିଏଲ୍ ୨୦୨୪ ଧୋନିଙ୍କର ଶେଷ ସିଜିନ୍ ହେବ ନାହିଁ । ରାଞ୍ଚିରେ ଜନ୍ମିତ ମାହି ଏବେ ମଧ୍ୟ କ୍ରିକେଟ୍ ଖେଳିବାକୁ ସମ୍ପୂର୍ଣ୍ଣ ଫିଟ୍ ତେଣୁ ସେ ଆଗକୁ ମଧ୍ୟ ନିଜର ଖେଳ ଜାରି ରଖିବେ । ଅତି କମରେ ଆଉ ଗୋଟିଏ ସିଜିନ୍ ତ ସେ ଖେଳିବେ ବୋଲି ପରମ୍‌ଜିତ୍ ମତ ଦେଇଛନ୍ତି । ପରମ ଜିତ୍ ସିଂ ଧୋନିଙ୍କର କ୍ୟାରିୟର ଆରମ୍ଭରୁ ତାଙ୍କ ସହିତ ରହି ଆସିଛନ୍ତି । ଏହାପରେ ମାହିଙ୍କ ଫ୍ୟାନଙ୍କ ମନରେ ସେ ଆଉ ଗୋଟିଏ ସିଜିନ୍ ଖେଳିବା ନେଇ ଆଶା ସଞ୍ଚାର ହୋଇଛି ।

## ଡେଭନ୍ କାନ୍‌ୱେଙ୍କୁ ନେଇ ଚର୍ଚ୍ଚା

ସେହିଭଳି ସିଏସ୍‌କେରେ ଖେଳୁଥିବା ନ୍ୟୁଜିଲାଣ୍ଡର ଡେଭନ୍ କାନ୍‌ୱେଙ୍କୁ ଧୋନିଙ୍କ ଅବସର ସହ ଯୋଡା ଯାଉଛି । ଗତ ଦୁଇ ଆପିଏଲ୍ ସିଜିନ୍‌ରେ ସେ ଖୁବ ଭଲ ପ୍ରଦର୍ଶନ ଦେଖାଇଛନ୍ତି । ସେ ପୂର୍ବ ସିଜିନ୍ ଗୁଡିକରେ ଓପନିଂ କରିବା ସହିତ ଭଲ ବ୍ୟାଟିଂ କରିଛନ୍ତି । ସେହିଭଳି ଧୋନିଙ୍କ ବ୍ୟତିତ ଡେଭନ୍ କାନ୍‌ୱେ ହିଁ ସିଏସ୍‌କେର ଜଣେ ଯିଏ ଉଇକେଟ୍ କିପିଂରେ ମଧ୍ୟ ମାହିର । ହେଲେ ସେ ଚଳିତ ଥର ଆପିଏଲ୍ ଆରମ୍ଭ ପୂର୍ବରୁ ଆହତ ହୋଇଛନ୍ତି, ଯେଉଁ କାରଣରୁ ସେ ମେ ମାସ ପୂର୍ବରୁ ଖେଳି ପାରିବେ ନାହିଁ । ତେଣୁ ବର୍ତ୍ତମାନ ସିଏସ୍‌କେର ଧୋନିଙ୍କର ଖୁବ ଆବଶ୍ୟକତା ରହିଛି । ତେଣୁ ଟୁର୍ଣ୍ଣାମେଣ୍ଟ ଅଧାରେ ଧୋନିଙ୍କର ଅବସର ଏକ ପ୍ରକାର ରଦ୍ଦ ହୋଇଛି ।
ଯଦି ଡେଭନ୍ କାନ୍‌ୱେ ସୁସ୍ଥ ଥାଆନ୍ତେ ତେବେ ହୁଏତ ଧୋନି ଅବସର କଥା ଚିନ୍ତା କରିଥାଆନ୍ତେ ବୋଲି ଚର୍ଚ୍ଚା ହେଉଛି ।

## ଅନ୍ତର୍ଜାତୀୟ କ୍ରିକେଟରୁ ଅବସର

୨୦୨୦ରେ ଧୋନି ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ । ୧୫ ଅଗଷ୍ଟ ୨୦୨୦ରେ ଧୋନି ନିଜର ସୋସିଆଲ ମିଡିଆ ପୋଷ୍ଟ ସାହାଯ୍ୟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଉଥିବା ନେଇ ଘୋଷଣା କରିଥିଲେ । ଯାହା ତାଙ୍କ ଫ୍ୟାନଙ୍କୁ ସେହି ସମୟରେ କଷ୍ଟ ଦେଇଥିଲା । ଧୋନିଙ୍କର ଉଚ୍ଚକୋଟିର ପ୍ରଦର୍ଶନକୁ ସେମାନେ ଖେଳ ଦେଖିବା ସମୟରେ ମିସ୍ କରିବା ନେଇ ସୋସିଆଲ ମିଡିଆରେ ଆଲୋଚନା ଜୋର ଧରିଥିଲା । ଧୋନିଙ୍କ ସଫଳ କ୍ୟାରିୟର ଅନେକ ଭାରତୀୟ ଯୁବକଙ୍କ ପାଇଁ ପ୍ରେରଣା ଥିଲା । ସେ ଏକମାତ୍ର କ୍ୟାପ୍ଟେନ୍ ଯିଏ ୨୦୧୩ରେ ଆଇସିସି ଚାମ୍ପିଅନ ଟ୍ରଫି, ୨୦୧୧ରେ ଓ୍ୱାଣ୍ଡେ ଓ୍ୱାର୍ଲ୍ଡ କପ୍ ଓ ୨୦୦୭ରେ ଟି-୨୦ ଓ୍ୱାର୍ଲ୍ଡ କପ୍ ଜିତିଥିଲେ, ତେଣୁ ତାଙ୍କୁ କ୍ୟାପ୍ଟେନ୍ କୁଲ ବୋଲି ମଧ୍ୟ ସମ୍ବୋଧନ କରାଯାଇଥାଏ ।

## ଟିଟିଇରୁ କ୍ରିକେଟର

ମହେନ୍ଦ୍ର ସିଂ ଧୋନିଙ୍କର କ୍ରିକେଟର ବନିବାର ଯାତ୍ରା ଥିଲା ଖୁବ ନିଆରା ଓ ସ୍ୱତନ୍ତ୍ର । ତାଙ୍କ ଲାଇଫ୍‌ରେ ଘଟିଥିବା ଅନେକ ଘଟଣାରୁ ଜାଣିହୁଏ ତାଙ୍କର କ୍ରିକେଟ ପ୍ରତି ଥିବା ଭଲପାଇବା ସମ୍ପର୍କରେ । ସେ ଭାରତୀୟ କ୍ରିକେଟ୍ ଦଳର ହେଉଛନ୍ତି କ୍ୟାପ୍ଟେନ୍ କୁଲ ଯାହାଙ୍କର ଖେଳିବାର ଷ୍ଟାଇଲ୍ ଠାରୁ ଆରମ୍ଭ କରି ହେୟାର ଷ୍ଟାଇଲ୍ ପର୍ଯ୍ୟନ୍ତ ସବୁ ପରିଚିତ । ତାଙ୍କୁ ପଡିଆରେ ଖେଳିବାର ଦେଖିବାକୁ ଦର୍ଶକ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥାଆନ୍ତି । ତେବେ ଏହି କ୍ୟାପ୍ଟେନ୍‌ଙ୍କର ପିଲାଦିନୁ ରହିଥିଲା କ୍ରିକେଟ୍ ପ୍ରତି ଖୁବ ଦୁର୍ବଳତା । କ୍ରିକେଟ୍ ପ୍ରତି ଥିବା ଭଲ ପାଇବା ପାଇଁ ସେ ରେଲୱେରେ କରିଥିବା ଟିଟିଆଇ ଚାକିରି ଛାଡି ଚାଲିଆସିଥିଲେ । ତେବେ ତାଙ୍କର ଏହି ଯାତ୍ରାରେ ତାଙ୍କ ପରିବାର ସହିତ ସାଙ୍ଗସାଥୀ ଖୁବ ସାହାଯ୍ୟ କରିଥିଲେ । ସେମାନଙ୍କ ସାହାଯ୍ୟ ଓ ସାହସ ଏବଂ ମାହିଙ୍କର ଅଧ୍ୟବସାୟ ବଳରେ ୨୦୦୫ରେ ଟେଷ୍ଟ ଡେବ୍ୟୁ କରିଥିଲେ । ଏହାପୂର୍ବରୁ ଅଣ୍ଡର ନାଇଣ୍ଟିନ୍, ରଣଜୀ ସହିତ ଅନ୍ୟାନ ଅନେକ ମ୍ୟାଚ ଖେଳିବା ସହିତ ଭଲ ପ୍ରଦର୍ଶନ ମଧ୍ୟ କରିଥିଲେ, ଯାହା ତାଙ୍କୁ ଭାରତର ଅନ୍ତର୍ଜାତୀୟ ଦଳରେ ସ୍ଥାନ ଦେଇଥିଲା । ତେବେ କ୍ରିକେଟ୍ ଖେଳିବା ପାଇଁ ଖୁବ ପରିଶ୍ରମ କରିଛନ୍ତି ଧୋନି । ୨୦୦୧ରୁ ୨୦୦୩ ପର୍ଯ୍ୟନ୍ତ ସେ ଭାରତୀୟ ରେଳ ବିଭାଗରେ ଟିଟିଇ ଭାବେ କାର୍ଯ୍ୟ କରିଛନ୍ତି । ତେବେ କ୍ରିକେଟ ପ୍ରତି ଧୋନିଙ୍କର ଥିବା ଭଲ ପାଇବାକୁ ତାଙ୍କ ବାପା ସମର୍ଥନ କରିଥିଲେ, ଯାହାଫଳରେ ସେ ଜଣେ ଅନ୍ତର୍ଜାତୀୟ କ୍ରିକେଟର ଭାବେ ନିଜ କ୍ୟାରିୟର କରିପାରିଛନ୍ତି । ଧୋନିଙ୍କ ବାପା କ୍ରିକେଟ୍ ଗ୍ରାଉଣ୍ଡରେ ଜଣେ ଗ୍ରାଉଣ୍ଡସ୍ ମ୍ୟାନ୍ ଭାବେ କାର୍ଯ୍ୟରତ ଥିଲେ । ତେଣୁ ସେ କ୍ରିକେଟ୍‌କୁ ଖୁବ ପାଖରୁ ଜାଣିବା ସହିତ ବୁଝିଥିଲେ ମଧ୍ୟ । ଯେଉଁ କାରଣରୁ ସେ ବିନା ଦ୍ୱିଧାରେ ଧୋନିଙ୍କୁ କ୍ରିକେଟ୍ ଖେଳିବା ପାଇଁ ପ୍ରୋତ୍ସାହିତ କରିଥିଲେ । ସେହିଭଳି ଧୋନିଙ୍କର ପିଲା ଦିନର ଅନେକ ସାଙ୍ଗ ତାଙ୍କ କ୍ରିକେଟ୍ ଟାଲେଣ୍ଟ୍‌ର ବଡ ଫ୍ୟାନ ଥିଲେ । ତେଣୁ ସେମାନେ ମଧ୍ୟ ସବୁବେଳେ ଧୋନିଙ୍କୁ କ୍ରିକେଟ ଖେଳିବା ପ୍ରତି ଉତ୍ସାହିତ କରୁଥିଲେ । ସେମାନେ ମଧ୍ୟ ନିଜ ପାରୁପର୍ଯ୍ୟନ୍ତ ଧୋନିଙ୍କୁ କ୍ରିକେଟ ଖେଳିବା ପାଇଁ ବିଭିନ୍ନ ପ୍ରକାର ସାହାଯ୍ୟ କରୁଥିଲେ ।
ପରିବାରର ସହଯୋଗ, ସାଙ୍ଗସାଥୀଙ୍କ ସାହାଯ୍ୟ ଓ ବିଶ୍ୱାସ ଆଜି ମହେନ୍ଦ୍ର ସିଂ ଧୋନିଙ୍କୁ ଭାରତୀୟ କ୍ରିକେଟ୍ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ଦେଇ ପାରିଛି ।





# ଡୋପାମିନ୍ ଡ୍ରେସିଂ





**ନୂଆ ଡ୍ରେସ ପିନ୍ଧିଲେ ସମସ୍ତେ ସବୁବେଳେ ଖୁସି ଅନୁଭବ କରିଥାଆନ୍ତି । ତେବେ ବର୍ତ୍ତମାନ ଡୋପାମିନ୍ ଡ୍ରେସିଂ ନାମକ ଏକ ଡ୍ରେସିଂ ଷ୍ଟାଇଲ୍ ଟ୍ରେଣ୍ଡରେ ରହିଛି, ଯାହାର ଅର୍ଥ ଖୁସିର ପୋଷାକ । ଆମ ଶରୀରରେ ଡୋପାମିନ୍ ନାମକ ଏକ ହର୍ମୋନର କ୍ଷରଣରେ ଆମକୁ ଖୁସି ଲାଗିଥାଏ, ତେଣୁ ଏହି ଟ୍ରେଣ୍ଡର ନାଁ ରହିଛି ଡୋପାମିନ୍ ଡ୍ରେସିଂ ।**

## ଲିଷ୍ଟ ପ୍ରସ୍ତୁତ କରନ୍ତୁ

ଅନେକ ସମୟରେ ଆମେ ଇମ୍ପଲ୍‌ସିଭ୍ ଭାବେ ସପିଂ କରିଥାଉ, ଯାହା ଫଳରେ ଆମ ପାଖରେ ଅନେକ ଡ୍ରେସ ଥାଏ ହେଲେ ସେଗୁଡିକ ପିନ୍ଧିବାକୁ  ଇଚ୍ଛା ହୋଇ ନଥାଏ । ତେଣୁ ସେମାନଙ୍କ ପାଇଁ ଡୋପାମିନ୍ ଡ୍ରେସିଂ ଭଲ ଅପସନ୍ ହୋଇ ପାରିବ । ଏଥିରେ ପ୍ରଥମେ ଆପଣଙ୍କୁ କେଉଁ ଷ୍ଟାଇଲ୍ ଓ କେଉଁ ଡିଜାଇନ୍ ଭଲ ଲାଗିଥାଏ ସେନେଇ ଏକ ନୋଟ ପ୍ରସ୍ତୁତ କରନ୍ତୁ । ଏହାପରେ ସପିଂ ଯାଆନ୍ତୁ, ଯାହା ଫଳରେ ଆପଣ ଏହି ଟ୍ରେଣ୍ଡକୁ ଖୁବ ଭଲଭାବେ ଫଲୋ କରିପାରିବେ ।

## ରଙ୍ଗ ପ୍ରତି ଧ୍ୟାନ ଦିଅନ୍ତୁ

ପ୍ରସ୍ତୁତ କରିଥିବା ତାଲିକାରେ ପ୍ରଥମେ ରଙ୍ଗକୁ ଗୁରୁତ୍ୱ ଦିଅନ୍ତୁ । କାରଣ ଗୋଟିଏ ଡ୍ରେସର ରଙ୍ଗ ହିଁ ପ୍ରଥମେ ଆମକୁ ବିଶେଷଭାବେ ଖୁସି କରିଥାଏ । ତେଣୁ ଯେଉଁ ରଙ୍ଗ ବେଶି ପସନ୍ଦ ସେହି ରଙ୍ଗର ଡ୍ରେସ ପିନ୍ଧନ୍ତୁ, ତାହା ଆପଣଙ୍କୁ ବେଶି ଖୁସି ଦେବ । ଡୋପାମିନ୍ ଡ୍ରେସିଂ ତାଲିକାରେ ପ୍ରଥମେ ରଙ୍ଗକୁ ଧ୍ୟାନ ଦିଆଯାଇଥାଏ ।

## ମେଟେରିଆଲ୍ସରେ ଧ୍ୟାନ ଦିଅନ୍ତୁ

ସବୁବେଳେ ମେଟେରିଆଲ୍ସରେ ଧ୍ୟାନ ଦିଅନ୍ତୁ, ଯାହା ଫଳରେ ଆପଣଙ୍କୁ ପୋଷାକ ପିନ୍ଧିବା ବେଳେ ଆରାମ ଲାଗିବ । ଏହା ମଧ୍ୟ ଡୋପାମିନ୍ ଡ୍ରେସିଂର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ତେଣୁ ସବୁବେଳେ ନିଜେ କମ୍ଫଟେବୁଲ୍ ଥିବା ମେଟେରିଆଲ ବାଛନ୍ତୁ । ସେହିଭଳି ମେଟେରିଆଲ ବାଛିବା ସମୟରେ ଋତୁକୁ ଧ୍ୟାନରେ ରଖନ୍ତୁ । କେଉଁ ସିଜିନ୍‌ରେ କେଉଁ ମେଟେରିଆଲର ପୋଷାକ ପିନ୍ଧିହେବ ସେନେଇ ଧ୍ୟାନ ଦେଇ ପୋଷାକ ବାଛନ୍ତୁ ।

## ଆସେସରିଜ୍

ଡୋପାପିନ୍ ଡ୍ରେସିଂକୁ କମ୍ପିଲ୍ଟ କରିଥାଏ ଏହାର ଆସେସରିଜ୍ । ଅନେକ ଏଭଳି ଆସେସରିଜ୍ ରହିଛି, ଯାହା ଆମକୁ ଖୁସି ଦେଇଥାଏ । ଯାହାକୁ ପିନ୍ଧିବା ଦ୍ୱାରା ଆମକୁ ଏକ ସ୍ମାର୍ଟ ଓ ଏଲିଗାଣ୍ଟ ଲୁକ୍ ମିଳିଥାଏ, ଯେଉଁ କାରଣରୁ ଆମର ଆତ୍ମବିଶ୍ୱାସ ବଢିଥାଏ । ତେଣୁ ଡୋପାମିନ୍ ଡ୍ରେସିଂରେ ଆସେସରିଜ୍ ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ସବୁବେଳେ ନିଜକୁ ଭଲ ଲାଗୁଥିବା ଭଳି ଗହଣା ପିନ୍ଧନ୍ତୁ, ଯାହା ଫଳରେ ଆପଣ ନିଜ ଲୁକ୍‌ନେଇ ଖୁସି ରହିବେ ।



# ରୁହନ୍ତୁ ସତର୍କ

ଲଗାତାର ବିଶ୍ୱର ପରିଚିତ ଚେହେରାଙ୍କର କ୍ୟାନସର ହୋଇଥିବା ଜଣା ପଡିବା ପରେ ସମସ୍ତେ ଏଥିପାଇଁ ସତର୍କ ହେବାରେ ଲାଗିଛନ୍ତି । ସମସ୍ତେ ପ୍ରଥମେ ଏହି ରୋଗ କଣ ଓ କିପରି ହୁଏ ସେ ବିଷୟରେ ଜାଣିବାର ଆବଶ୍ୟକତା ରହିଛି, ଯାହା ଫଳରେ ଏହାଠୁ ଦୂରରେ ରହିବା ସହଜ ହେବ ।

## କାରଣ

କ୍ୟାନସର  କାରଣରୁ ଶରୀରରେ ଥିବା ସେଲ୍ ଗୁଡିକ ଅନିୟନ୍ତ୍ରିତ ଭାବେ ଭାଙ୍ଗି ଚାଲନ୍ତି ଏବଂ ଦେହର ଅନ୍ୟ ଟିସୁମାନଙ୍କୁ ନଷ୍ଟ କରିଚାଲନ୍ତି । କ୍ୟାନସରରେ ଆକ୍ରାନ୍ତ ମଣିଷର ଶରୀର ଭିତରେ କ୍ୟାନସରର ସେଲ୍‌ଗୁଡିକ ବଢିବା ସହିତ ଶରୀରର ବିଭିନ୍ନ ସ୍ଥାନକୁ ବ୍ୟାପିଥାଏ । ଏହାର ଅନେକ କାରଣ ମଧ୍ୟରୁ ଗୋଟିଏ ହେଉଛି ଟବାକୋ, ପାନ, ପୁଡିଆ ପରି ନିଶାଦ୍ରବ୍ୟର ସେବନ । ଏହି ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିମାନେ ପ୍ରାୟତଃ କ୍ୟାନସରର ଶିକାର ହୁଅନ୍ତି । ତେବେ ବିଭିନ୍ନ କ୍ୟାନସରର କାରଣ ମଧ୍ୟ ଭିନ୍ନଭିନ୍ନ ହୋଇଥାଏ । କେତେକ କ୍ୟାନସର ଆମର ଜୀବନଶୈଳୀ ଉପରେ ନିର୍ଭର କରିଥାଏ । ସବୁବେଳେ ପ୍ରୋସେସ ଖାଦ୍ୟ ଖାଇବା, କେମିକାଲ

**ନିକଟରେ ପ୍ରିନ୍ସେସ୍ କେଟ୍ ମିଡିଲଟନ୍ କ୍ୟାନସରରେ ପୀଡିତ ଥିବା ନେଇ ଜଣା ପଡିଛି । ପୂର୍ବରୁ କିଙ୍ଗ ଚାର୍ଲ୍ସ ଏବଂ ବର୍ତ୍ତମାନ ପ୍ରିନ୍ସେସ୍‌ଙ୍କ କ୍ୟାନସର ନେଇ ଜଣା ପଡିବା ପରେ ବିଶ୍ୱବ୍ୟାପୀ କ୍ୟାନସରକୁ ନେଇ ଚର୍ଚ୍ଚା ଜୋର ଧରିଛି ।**

ପଲ୍ୟୁସନ, ବ୍ୟାୟାମର ଅଭାବ, ଡାଏଟ୍‌ରେ ଏପଟସେପଟ ଆଦି କାରଣ ରହିଛି । ସେହିଭଳି ନିଶା ଦ୍ରବ୍ୟର ପ୍ରଭାବ ବିଶେଷ ଭାବେ ଅଧିକ ରହିଛି । ତେବେ ମୁଖ୍ୟତଃ ଆମ ଡିଏନ୍‌ଏରେ ପରିବର୍ତ୍ତନ ବା ମ୍ୟୁଟେସନ୍ କାରଣରୁ କ୍ୟାନସର ହୋଇଥାଏ । ଆମ ସେଲ୍ ଗୁଡିକରେ ଥିବା ଡିଏନ୍‌ଏର ଇଣ୍ଡିଭିଜୁଆଲ ଜିନ୍ ରହିଥାଏ, ଯାହା ସେଲ୍ ଗୁଡିକୁ ବିଭିନ୍ନ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥାଏ । ଏହାସହିତ ସେଲ୍ ଗୁଡିକ କିଭଳି ବଢିବେ କିମ୍ବା ବିଭାଜନ ହେବେ ସେ ନେଇ ମଧ୍ୟ ଜିନ୍ ନିର୍ଦ୍ଦେଶ ଦେଇଥାଏ । ତେଣୁ ଏହି ନିର୍ଦ୍ଦେଶରେ ବାଧା ସୃଷ୍ଟି ହେଲେ ସେଲ୍‌ର କାର୍ଯ୍ୟ ବନ୍ଦ ହେବା ସହିତ ଏହା କ୍ୟାନସରିଅସ ସେଲରେ ପରିଣତ ହୋଇଥାଏ । ତେବେ କ୍ୟାନସରକୁ ନିୟନ୍ତ୍ରଣ କରିବାର ଗୋଟିଏ ମାଧ୍ୟମ ହେଲା ଆଗୁଆ ଚିହ୍ନଟ । ତେଣୁ ସବୁବେଳେ ନିୟମିତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । କ୍ୟାନସରର କୌଣସି ବି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ ।



## କ୍ୟାନସରଠୁ ରୁହନ୍ତୁ ଦୂରରେ

▶ସୁସ୍ଥକର ଜୀବନଶୈଳୀ

▶ଖାଦ୍ୟରେ ଅଧିକମାତ୍ରାରେ ପନିପରିବା, ସାଲାଡ୍, ଗାଜର, ଟମାଟୋ, ବିଟ୍ ଆଦି ସାମିଲ କରନ୍ତୁ ।

▶ଯେଉଁ ସବୁ ଖାଦ୍ୟରେ ଅଧିକ ପରିମାଣରେ ଫାଇବର ରହିଛି ଯେପରି ଶସ୍ୟଜାତୀୟ ଖାଦ୍ୟ ଅଧିକ ଖାଆନ୍ତୁ ।

▶ଅଧିକ ଫଳ ଖାଆନ୍ତୁ । ପ୍ରତିଦିନ ନିଜ ଡାଏଟ୍‌ରେ ବିଭିନ୍ନ ଫଳ ଯଥା କମଳା, ଅଙ୍ଗୁର, ଲେମ୍ବୁ ଆଦି ସାମିଲ କରନ୍ତୁ ।

▶ସମସ୍ତ ନିଶା ଦ୍ରବ୍ୟକୁ ବର୍ଜନ କରନ୍ତୁ ।

▶କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

▶୬୦ବର୍ଷରୁ ଅଧିକ ହେବା ପରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ ।

▶କୌଣସି ଲକ୍ଷଣ ଦେଖିଲେ ଅବହେଳା କରନ୍ତୁ ନାହିଁ ।

## ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା କ୍ୟାନସର

➤ବ୍ରେଷ୍ଟ କ୍ୟାନସର


➤କୋଲୋରେକ୍ଟାଲ କ୍ୟାନସର

➤ସର୍ଭିକାଲ କ୍ୟାନସର

➤ୟୁଟେରିନ୍ କ୍ୟାନସର

➤ଓଭାରିଆନ୍ କ୍ୟାନସର

➤ସ୍କିନ୍ କ୍ୟାନସର



ମୃଣାଳ
mrinalchatterjeeiimc@gmail.com

## ଦୁଃଖ

ଅରଖ ନୂଆ ଖବରକାଗଜଟା ସକାଳୁ ସକାଳୁ ଆସି ଘରେ ପହଞ୍ଚିଥିବ ତମେ ତାକୁ ପଢ଼ି ପାରିବନି । ଟିଭିରେ ତମର ପ୍ରିୟ ସିରିଏଲଟା ଆରମ୍ଭ ହେଇଥିବ, ତମେ ତାକୁ ଦେଖିପାରିବନି । ମୋବାଇଲଟା ଟୁଂଟୁଂ କରୁଥିବ, ମେସେଜ ପରେ ମେସେଜ ଆସି ଚାଲିଥିବ । ତମେ ମେସେଜ ଆସିବାର ଶବ୍ଦ ଶୁଣୁଥିବ କିନ୍ତୁ ମୋବାଇଲଟାକୁ ଘାଣ୍ଟି ପାରିବନି । ଏ ଯେ କି ଦାରୁଣ ଦୁଃଖ ତାହା ମୁଁ ବୁଝିଥିଲି ମୋର ଆଖି ଅପରେସନ ହେଲାପରେ । ଏବେ ହାତ ଭାଙ୍ଗିବା ପରେ ଅନ୍ୟ ବାର ପ୍ରକାର ଦୁଃଖ ମୋତେ ଘାରି ଧରୁଛି । ପ୍ରଥମ ତ ପ୍ରାତଃକୃତ୍ୟରେ ଅସୁବିଧା । ସେ ଅସୁବିଧା ଅଜାଗା ଘା ଭଳି । ନା କହି ହେବ, ନା କିଛି କରି ହେବ । ସେ ଅସୁବିଧାର ମୁକାବିଲା କରି ବାହାରକୁ ଆସିଲାବେଳକୁ ସକାଳର ଖବରକାଗଜ ଆସିଯାଏ । ତାକୁ'ବି ମଣିଷ ଆରାମରେ ପଢ଼ି ପାରିବନି । ପ୍ଲାଷ୍ଟର ବନ୍ଧା ହାତରେ ପୃଷ୍ଠା ଓଲଟେଇ ହେଉନି । ଚା' କପ୍‌ଟା ଠିକ୍ ଭାବରେ ଧରି ହେଉନି । ପ୍ଲାଷ୍ଟର କଲା ପରେ ନିଜ ହାତଟା ଆଉ ନିଜର ବୋଲି ଲାଗୁନି । ମନେ ହେଉଛି ଆଉ କାହା ବୋଝ ମୁଁ ବୋହି ଚାଲିଛି । ଡାକ୍ତର କହିଛନ୍ତି ମାସେ କାଳ ଏ ବୋଝ ରହିବ । ଦିନଗୁଡ଼ାକ ଏବେ ମୋତେ ଏତେ ଲମ୍ବା ଲାଗୁଛି ଯେ ମାସଟା ବର୍ଷ ଭଳି ମନେ ହେଉଛି ।

## ଭିକାରୀ

– ଏ ବାବୁ, ଏ ମା, କିଛି ଦେ, ଭଗବାନ ତମର ମଙ୍ଗଳ କରିବେ...

– ଆବେ, ସାମ୍ପ୍ରଦାୟିକ ଭିକାରୀ ! ଭଗବାନଙ୍କ ନାଁରେ କାହିଁକି ମାଗୁଛୁ ! ଆଲ୍ଲାଙ୍କ ନାଁରେ କାହିଁକି ନୁହେଁ ? – ଆଲ୍ଲା ତମର ମଙ୍ଗଳ କରିବେ ବାବୁ, ଯୀଶୁ ତମର ମଙ୍ଗଳ କରିବେ, ୱାହେ ଗୁରୁ ତମର ମଙ୍ଗଳ କରିବେ, ଝୁଲେଲାଲ ତମର ମଙ୍ଗଳ କରିବେ, ପୀର ବାବା ତମର ମଙ୍ଗଳ କରିବେ... । ସମସ୍ତଙ୍କ ନାଁରେ ମାଗିଦେଲି ବାବୁ, ଏବେ ଟଙ୍କା ଦଶଟା ଦେଲ... ।

# ତୋଡ଼ା ନୁହେଁ ଚାରା ଦିଅନ୍ତୁ




ଯେକୌଣସି ଉତ୍ସବ ଅନୁଷ୍ଠାନରେ ଅତିଥିମାନଙ୍କୁ ଫୁଲତୋଡା ଦେବା ଭାରତର ବିଭିନ୍ନ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ଗୋଟେ ପ୍ରଥା । ମୋର ବୟସ ହେଲାଣି । ଗୋଟେ ସର୍ବଭାରତୀୟ ଶିକ୍ଷଣ ପ୍ରତିଷ୍ଠାନରେ ଅଧ୍ୟାପକ ଅଛି । ତେଣୁ ମୋତେ ବି କିଛି କିଛି ଉତ୍ସବ, ଅନୁଷ୍ଠାନକୁ ନିମନ୍ତ୍ରଣ ମିଳେ । ମୁଁ ଯାଏ । ଆଉ ସେଠି ଆୟୋଜକମାନେ ମୋତେ ଫୁଲତୋଡା ଦିଅନ୍ତି । ଏ ଫୁଲତୋଡ଼ାଗୁଡାକୁ ନେଇ ମୁଁ କରିବି କ'ଣ ବୁଝିପାରେନି । ଆଗରୁ ଘରକୁ ନେଇ ଆସୁଥିଲି । ସେତେବେଳେ ବୟସ କମ୍ ଥିଲା, ରୋମାଣ୍ଟିସିଜମ୍ ଅଧିକ ଥିଲା । ଫୁଲତୋଡ଼ା ପତ୍ନୀଙ୍କୁ ଦେଉଥିଲି । ସେ ଖୁସି ହେଉଥିଲେ । କେତେବେଳେ କେମିତି ଗୋଟେ ଗୋଲାପ ତାଙ୍କ ଗଭାରେ ଖୋସି ଦେଉଥିଲେ । ଦିନେ ଦି ଦିନ ଫୁଲତୋଡ଼ା ଆମ ବୈଠକଖାନା ଘରେ ଫୁଲଦାନୀରେ ଶୋଭା ବଢ଼ାଉଥିଲା । ଏବେ ମୋ ମନର ବୟସ ବଢ଼ିନଥିଲେ ବି ତାଙ୍କ ମନର ବୟସ ବଢ଼ିଗଲାଣି । ଏବେ ଫୁଲତୋଡା ଘରକୁ ନେଲେ କହୁଛନ୍ତି, ଏ ଅଳିଆ କାହିଁକି ଆଣିଲ ? ସେଥିପାଇଁ ଏବେ କେହି ଫୁଲତୋଡ଼ା ଦେଲେ ମୁଁ ତାକୁ ସେଇଠି ରଖିଦେଇ ଆସୁଛି । ଫୁଲତୋଡ଼ାଗୁଡାକ ସେଇଠି ପଡ଼ି ପଡ଼ି ଶୁଖିଯାଉଛନ୍ତି । କିଛି ଅନୁଷ୍ଠାନ ଗୋଟେ ଭଲ କାମ କରୁଛନ୍ତି– ଫୁଲତୋଡ଼ା ବଦଳରେ ଫୁଲଚାରା ଦଉଛନ୍ତି । ଚାରା ଆଣି ମଣିଷ ତାକୁ ଲଗେଇବ । ଲଗେଇଲେ ସେଥିରେ ଫୁଲ ଫୁଟିବ । କିଛି କିଛି କ୍ଷେତ୍ରରେ ଗୋଟେ ଚାରାରୁ ଏକାଧିକ ଗଛ ହେବ । ଯେମିତି କିଛିଦିନ ତଳେ ମୋତେ ମୋ ଛାତ୍ରମାନେ ଗୋଟେ ମନ୍ଦାର ଫୁଲ ଚାରା ଦେଇଥିଲେ । ତାକୁ ଲଗେଇଲି ।



ସେ ଟିକେ ବଢ଼ିଲା । ମାଙ୍କଡ ଆସି ତା'ର ଦିଟା ଡାଳ ଭାଙ୍ଗିଦେଲା । ସେ ଦିଟା ଡାଳକୁ କାଟିକି ମୋ ପତ୍ନୀ ଆଉ ଦୁଇଟା ଟବ୍‌ରେ ଲଗେଇଦେଲେ । ଏବେ ସେ ଦିଟା ବି କଅଁଳି ଯାଇଛି । ତେଣୁ ଗୋଟେ ମନ୍ଦାରର ଚାରାରୁ ବର୍ତ୍ତମାନ ତିନିଟି ମନ୍ଦାର ଚାରା ହେଲା । ତାକୁ ଆମେ ଆଉ କାହାକୁ ଦେଲୁ, ସିଏ ଲଗେଇଲେ ଏବଂ ସେଠି ବି ଫୁଲ ଫୁଟିଲାଣି । କହିବାକଥା ହେଉଛି ଯଦି ଫୁଲ ତୋଡ଼ା ବଦଳରେ ଚାରା ଦିଆଯାଏ ତାହାହେଲେ ତାହା ବେଶୀ ହୁଏତ କାମରେ ଲାଗିବ । ହୁଏତ ପ୍ରକୃତିକୁ ଆଉ ଟିକିଏ ସବୁଜ କରିବାପାଇଁ ସେତୁ ବନ୍ଧରେ ଗୁଣ୍ଡୁଚିମୂଷା ଭଳି ଏହାର ବି ସାମାନ୍ୟ ଯୋଗଦାନ ହେବ । ତେଣୁ ବିନୀତ ଅନୁରୋଧ ଯେଉଁମାନେ ଅନୁଷ୍ଠାନ ଇତ୍ୟାଦି ଆୟୋଜନ କରୁଛନ୍ତି ଫୁଲ ତୋଡ଼ା ଦିଅନ୍ତୁନି ଚାରା ଦିଅନ୍ତୁ । ଖର୍ଚ୍ଚ ପାଖାପାଖି ଏକା ।

# ପିମ୍ପୁଡ଼ି



ଆମ ସାହିରେ ଜଣେ ମହାଜନ ଅଛନ୍ତି । ସେ ଗଲା ବେଶ କିଛି ମାସ ହେବ – ପ୍ରତିଦିନ ବଡ଼ି ସକାଳେ ପିମ୍ପୁଡ଼ି ମନ୍ଦା ଖୋଜି ସେଥିରେ ଚିନି ଦି ଦି ମୁଠା ଦଉଛନ୍ତି । ଏମିତି କଲେ ତାଙ୍କର ପୁତ୍ରଲାଭ ହେବା ସହିତ ଧନବୃଦ୍ଧି ହେବ ବୋଲି ଟେଲିଭିଜନରେ ଭବିଷ୍ୟତ କହୁଥିବା ଜଣେ ମାତା କହିଥିଲେ । ଯଦିଓ ତାଙ୍କର ପୁତ୍ର ନ ହୋଇ କନ୍ୟା ହୋଇଥିଲା, ହେଲେ ଧନ ଆମଦାନି ବଢ଼ିବାରୁ ସେ ଚିନି ଦେବା ପ୍ରଥାଟି ଚାଲୁ ରଖିଥିଲେ । ସେଦିନ ସନ୍ଧ୍ୟାରେ ଦଳେ ପିମ୍ପୁଡ଼ି ଆସି ମୋତେ କହିଲେ: ଭାଇ ସେ ମହାଜନକୁ ମନା କର ଆମକୁ ଆଉ ଚିନି ନ ଦେଉ । ମୁଁ ପଚାରିଲି: କାହିଁକି ?

– ଆରେ ଚିନି ଖାଇ ଖାଇ ଆମକୁ ଡାଇବେଟିସ୍ ହେବାକୁ ବସିଲାଣି ।

– ଆରେ ସେ ତମକୁ ଭଲ ପାଉଛନ୍ତି ବୋଲି ସବୁଦିନ ସକାଳୁ ତମ ମନ୍ଦା ଖୋଜି ଚିନି ଦେଇ ଯାଉଛନ୍ତି ।

– ଆମର ଚିନି ଦରକାର ନାହିଁ ।

– ହେଲେ ତାଙ୍କୁ ତ ଭବିଷ୍ୟବକ୍ତା ମାତା ପିମ୍ପୁଡ଼ି ମନ୍ଦାରେ ଚିନି ଦେବାକୁ କହିଛନ୍ତି । ଏଥିରେ ତମ ପେଟ ପୂରିବ । ଆଉ ତାଙ୍କର ବି ଧନବୃଦ୍ଧି ଘଟିବ । ଉଭୟଙ୍କର ଲାଭ । ଉଇନ୍ ଉଇନ୍ ସିଚୁଏସନ୍ ।

– ଆମର ଉଇନ୍ ଦରକାର ନାହିଁ । ଆମର ଚିନି ଦରକାର ନାହିଁ । ପ୍ଲିଜ୍ ।

– ସେମିତି କେମିତି ହେବ ! ଭବିଷ୍ୟବକ୍ତା ମାତା କହିଛନ୍ତି ମାନେ ମହାଜନ ତ ତମକୁ ଚିନି ନିଶ୍ଚୟ ଦେବ । ନ ହେଲେ ଧନ ପ୍ରାପ୍ତି ହେବନି ।

– ଆଚ୍ଛା କଥା ! ତା'ର ଧନ ପ୍ରାପ୍ତି ହେବ ବୋଲି କ'ଣ ଆମକୁ ଡାଇବେଟିସ୍ ଧରେଇ ମାରିବ ନା କ'ଣ ! – କ'ଣ କରାଯାଏ ! ତାହାହିଁ ଦୁନିଆରେ ଚାଲୁଛି ।

– ଆମେ ତା'ହେଲେ ଆମ ବାଟ ଧରିବୁ ।

– ଧର । ପିମ୍ପୁଡ଼ିମାନେ କ'ଣ କଲେ କହିପାରିବିନି କିଛିଦିନ ପରେ ଦେଖାଗଲା ମହାଜନ ଆଉ ପିମ୍ପୁଡ଼ି ମନ୍ଦାରେ ଚିନି ଦଉନାହାନ୍ତି । ମୁଁ ମହାଜନଙ୍କୁ ପଚାରିଲି: କ'ଣ ହେଲା ? ମହାଜନ ଉତ୍ତର ଦେଲେ: ଭବିଷ୍ୟବକ୍ତା ମାତା କହିଲେ– ଏବେ ପିମ୍ପୁଡ଼ି ମନ୍ଦାରେ ଚିନି ଦେବା ବଦଳରେ କାଳିଆ କୁକୁରକୁ ରୁଟି ଦିଅ । ଏ ବର୍ଷଟା ଶନିଙ୍କ ବର୍ଷ । ଶନି କଳା କୁକୁରଙ୍କୁ ଭଲ ପାଆନ୍ତି। ଶନିଦେବଙ୍କୁ ସନ୍ତୁଷ୍ଟ କରିବାପାଇଁ ଏବେ ମୁଁ ସେଇଆ କରୁଛି । ହେଲେ କାଳିଆ କୁକୁର ପାଇବା ଟିକେ ଡିଫିକଲ୍ଟ ହେଉଛି । ଆପଣଙ୍କ ଏରିଆରେ ଥିଲେ ମୋତେ କହିବେ ।

## ମାର୍ଚ୍ଚ ମାସ

ଏ ବର୍ଷ ଫେବୃୟାରୀ ମାସଟା ଯେମିତି ଆମକୁ କନ୍‌ଫ୍ୟୁଜ୍ କରୁଥିଲା (ଶୀତ ନା ବସନ୍ତ ନା ଖରା?), ମାର୍ଚ୍ଚ ବି କନ୍‌ଫ୍ୟୁଜ କରୁଛି । ପ୍ରଥମେ ଲାଗିଲା– ଖରା ଆସିଗଲା । ତା'ପରେ ବେଶ କିଛିଦିନ ବର୍ଷା ହୋଇ ବର୍ଷାଦିନର ଭ୍ରମ ସୃଷ୍ଟି କଲା । ତା'ପରେ ବନଉପବନରେ ପଳାଶ ଫୁଟି ବସନ୍ତ ଭଳି ଲାଗିଲା । ହୋଲି ବେଳକୁ ପୁଣି ଖରାଦିନ ଭଳି ଲାଗିଲାଣି । ମାର୍ଚ୍ଚ ମାସରେ ଆର୍ଥିକ ବର୍ଷ ଶେଷ ହୁଏ । ତେଣୁ ଅଫିସ କଚେରିରେ ବହୁତ କାମ ଥାଏ । କର୍ମଚାରୀମାନେ କହନ୍ତି, ସେମାନଙ୍କୁ କୁଆଡ଼େ ମରିବାକୁ ଫୁରସତ ନଥାଏ । ଏମିତି ଅବସ୍ଥାରେ ହୋଳି ପୂର୍ବ–ପର ମିଶେଇ ପାଖାପାଖି ସାତ ଦିନ ଛୁଟି !

## ବଖାଣିଲେ ମନକଥା

ଚଳିତବର୍ଷର ବହୁପ୍ରତୀକ୍ଷିତ ଫିଲ୍ମ ମଧ୍ୟରେ ସାମିଲ ରହିଛି ଅଜୟ ଦେବଗନଙ୍କ ଅଭିନୀତ ଫିଲ୍ମ ମଇଦାନ । ଏଥିରେ ଅଜୟଙ୍କ ଅପଜିଟ୍‌ରେ ସାଉଥ୍ ଆକ୍ଟ୍ରେସ ପ୍ରିୟାମଣିଙ୍କୁ ଦେଖିବାକୁ ମିଳିବ । ଯବାନ ଓ ଆର୍ଟିକିଲ୍ ୩୭୦ର ସଫଳତାର ମଜା ନେଉଥିବା ଏହି ଆକ୍ଟ୍ରେସ୍ ବଲିଉଡ୍ ଇଣ୍ଡଷ୍ଟ୍ରିକୁ ଆସିବା ପରଠୁ ଖୁବ୍ ପ୍ରଶଂସା ସାଉଁଟିବାରେ ଲାଗିପଡ଼ିଛନ୍ତି । ଶାହରୁଖ ଖାନ୍, ବିକ୍ରାନ୍ତ ମେସୀ, ଅଜୟ ଦେବଗନ ପ୍ରମୁଖଙ୍କ ସମେତ ଅନେକ ବି ଟାଉନ୍ ଆକ୍ଟରଙ୍କ ସହିତ ସେ କାମ କରିଛନ୍ତି । ତେବେ ନିକଟରେ ଅଜୟ ଦେବଗନ ଓ ଶାହରୁଖ ଖାନ୍‌ଙ୍କ ସହିତ ନିଜ ୱାର୍କ ଏକ୍ସପିରିଏନ୍ସକୁ ସେୟାର କରିଛନ୍ତି ପ୍ରିୟାମଣି । ଏହି ଦୁଇଷ୍ଟାର୍ ବ୍ୟକ୍ତି ହିସାବରେ ଖୁବ୍ ଭଲ ଏବଂ ଏମାନଙ୍କ ସହିତ କାମ କରି ଖୁବ୍ ଖୁସି ଅଛନ୍ତି ବୋଲି ସେ କହିଛନ୍ତି । ଏହାସହିତ ଏହି ଦୁଇଜଣ ଆଖିରେ ସମସ୍ତ କଥାକୁ ବ୍ୟକ୍ତ କରନ୍ତି ବୋଲି ସେ କହିଛନ୍ତି ।






ସନ୍ଦୀପ ରେଡ୍ଡୀ ଭଙ୍ଗାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ ଆନିମଲ୍‌ରେ ନିଜର ଦମ୍‌ଦାର୍ ଆକ୍ସନ୍ ପାଇଁ ଖୁବ୍ ପ୍ରଶଂସା ସାଉଁଟିଥିଲେ ଲର୍ଡ ବବି । ଏଥିରେ ତାଙ୍କର ସିଗ୍ନେଚର ଡ୍ୟାନ୍ସଷ୍ଟେପ୍ ସମଗ୍ର ବିଶ୍ୱର ଦର୍ଶକଙ୍କୁ ନଚେଇଥିଲା । ଯେଉଁଥିରେ ବବି ମୁଣ୍ଡରେ ଗ୍ଲାସ୍ ରଖି ଠୁମ୍‌କା ଲଗାଇଥିବା ନଜର ଆସିଥିଲେ । ଏହି ଫିଲ୍ମ ପରେ ତାଙ୍କର ଲୋକପ୍ରିୟତା ସାରା ବିଶ୍ୱରେ ଖେଳିଗଲା । ଯାହାଫଳରେ ବବିଙ୍କ ନିକଟରେ ବଡ଼ ବଜେଟ୍ ଫିଲ୍ମର ସୁଅ ଛୁଟିବାରେ ଲାଗିଛି । ବର୍ତ୍ତମାନ ଯଶରାଜ୍

## ସ୍ୱାଏ ୟୁନିଭର୍ସରେ ଏଣ୍ଟ୍ରି

ବ୍ୟାନର ତଳେ ନିର୍ମିତ ହେବାକୁ ଥିବା ସ୍ୱାଏ ୟୁନିଭର୍ସ ଫିଲ୍ମରେ ବବିଙ୍କର ଏଣ୍ଟ୍ରି ହୋଇଛି । ଏହି ଫିଲ୍ମରେ ସେ ନେଗେଟିଭ୍ କ୍ୟାରେକ୍ଟରରେ ଦର୍ଶକଙ୍କୁ ଏଣ୍ଟରଟେନ୍ କରିବେ । ଏଥିରେ ଆଲିଆ ଭଟ୍ଟଙ୍କୁ ଲିଡ୍‌ରେ ଦେଖିବାକୁ ମିଳିବ । ତେବେ ୨୦୨୪ ମଧ୍ୟଭାଗରୁ ବବି ଏହି ଫିଲ୍ମ ପାଇଁ ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି । ବବି ଏହି ଫିଲ୍ମରେ ଏକ ଭିନ୍ନ ଲୁକ୍‌ରେ ତଥା ଫିଲ୍ମି ସ୍ୱାଗ୍ ସହିତ ନଜର ଆସିବେ ।



## ରାମାୟଣର ମନ୍ଦୋଦରୀ

ଟେଲିଭିଜନର ଲୋକପ୍ରିୟ ଧାରାବାହିକ 'ବଡ଼େ ଅଚ୍ଛେ ଲଗତେ ହେ'ରୁ ଘରେ ଘରେ ପରିଚିତି ହାସଲ କରିଥିଲେ ଆକ୍ଟ୍ରେସ୍ ସାକ୍ଷୀ ତନୱର । ଯାହାଫଳରେ ଅମୀର ଖାନ୍‌ଙ୍କ ଫିଲ୍ମ ଦଙ୍ଗଲରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିଥିଲା । ବର୍ତ୍ତମାନ ସାକ୍ଷୀଙ୍କୁ ନିତେଶ ତିୱାରୀଙ୍କ ବହୁପ୍ରତୀକ୍ଷିତ ଫିଲ୍ମ ରାମାୟଣରେ କାଷ୍ଟ କରାଯାଇଛି । ଏଥିରେ ସେ ରାବଣଙ୍କ ପତ୍ନୀ ମନ୍ଦୋଦରୀ ଭୂମିକାରେ ନଜର ଆସିବେ । ଯେଉଁଠି ସେ ସାଉଥ୍ ଷ୍ଟାର୍ ଯଶ୍‌ଙ୍କ ଅପଜିଟ୍‌ରେ ସ୍କ୍ରିନ୍ ସେୟାର କରିବେ ବୋଲି ଚର୍ଚ୍ଚା ହେଉଛି । ବର୍ତ୍ତମାନ ସାକ୍ଷୀ ଟିମ୍‌ର ଅନ୍ୟ ମେମ୍ବରଙ୍କ ସହିତ ସ୍କ୍ରିପ୍ଟ ରିଡିଙ୍ଗ୍ ସେସନ୍‌ରେ ସାମିଲ ହେଉଥିବା ଶୁଣିବାକୁ ମିଳୁଛି । ରଣବୀର କପୁର ଓ ସାଇ ପଲ୍ଲବୀଙ୍କୁ ଏଥିରେ ରାମ ଓ ସୀତା ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ । ସେହିପରି ରକୁଲ ପ୍ରୀତ ସୂର୍ପଣଖା ଭୂମିକାରେ, ସନି ଦେଓଲ ହନୁମାନ, ରବି ଦୁବେ ଲକ୍ଷ୍ମଣ, ଇନ୍ଦିରା କୃଷ୍ଣା କୌଶଲ୍ୟା ଭୂମିକାରେ ନଜର ଆସିବେ । ଏହି ଫିଲ୍ମ ତିନୋଟି ପାର୍ଟରେ ଦର୍ଶକଙ୍କ ପାଇଁ ରିଲିଜ୍ ହେବ ଏବଂ ପ୍ରତିଟି ପାର୍ଟକୁ ହିନ୍ଦୀ, ତାମିଲ, ତେଲୁଗୁ ଆଦି ଅନେକ ଭାଷାରେ ରିଲିଜ୍ କରାଯିବ ।



## ନୂଆଯୋଡ଼ିଙ୍କ ଖଟାମିଠା ସମ୍ବନ୍ଧ

ଅପ୍‌କମିଂ ତେଲୁଗୁ ଫିଲ୍ମ ଦି ଫ୍ୟାମିଲି ଷ୍ଟାର୍‌କୁ ନେଇ ସ୍ପଟ୍‌ଲାଇଟ୍‌କୁ ଆସିଛନ୍ତି ସାଉଥ୍ ଆକ୍ଟର ବିଜୟ ଦେବରାକୋଣ୍ଡା ଓ ବି ଟାଉନ୍ ଆକ୍ଟ୍ରେସ୍ ମୃଣାଲ ଠାକୁର । କିଛିଦିନ ତଳେ ଏହି ଫିଲ୍ମର ପୋଷ୍ଟର ଓ ଟିଜର ଆଉଟ୍ କରାଯିବା ପରେ ଦର୍ଶକଙ୍କ ମଧ୍ୟରେ ଏହାର ରିଲିଜ୍‌କୁ ନେଇ ଉତ୍କଣ୍ଠା ବୃଦ୍ଧି ପାଇଥିଲା । ହେଲେ ବର୍ତ୍ତମାନ ମେକର୍ସ ଏହାର ଟ୍ରେଲର୍‌କୁ ରିଲିଜ୍ କରାଇଛନ୍ତି, ଯାହାକୁ ନେଇ ଫ୍ୟାନ୍ସଙ୍କ ମଧ୍ୟରେ ଢେରସାରା ଉତ୍ସୁକତା ଦେଖିବାକୁ ମିଳିଛି । ଟ୍ରେଲରରେ ଏହି ନୂଆଯୋଡ଼ିଙ୍କ ଖଟାମିଠା ସମ୍ବନ୍ଧର ଦୃଶ୍ୟକୁ କଏଦ କରାଯାଇଛି । ସେହିପରି ଏଥିରେ ହିରୋ ଓ ହିରୋଇନ୍‌ଙ୍କ ଅନେକ ଭାବନାକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି, ଯାହା ଗୋଟିଏ ପୂର୍ଣ୍ଣ ପାରିବାରିକ ମନୋରଞ୍ଜନ ଫିଲ୍ମର ହିଣ୍ଟ ଦେଉଛି । ଦର୍ଶକ ଏହି ଅପ୍‌କମିଂ ଫିଲ୍ମରେ ରୋମାନ୍ସ, ଡ୍ରାମା, ଆକ୍ସନ ଓ କମେଡିର ଭରପୂର ମଜା ଉଠାଇପାରିବେ । ପର୍ଶୁରାମଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମକୁ ଆକ୍ସନ ଏଣ୍ଟରଟେନର୍ ବୋଲି କୁହାଯାଉଛି । ବିଜୟ ଓ ମୃଣାଲଙ୍କ ବ୍ୟତୀତ ଏଥିରେ ଦିବ୍ୟାଂଶ କୌଶିକ, ଅଜୟ ଘୋଷ ପ୍ରମୁଖଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ । ଫିଲ୍ମଟି ଆସନ୍ତା ଏପ୍ରିଲ୍ ୫ରେ ରିଲିଜ୍ ହେବ ।



## ପୁଣି ମିସ୍‌ରୁ ମିସେସ୍

ବିଗତ କିଛିବର୍ଷ ହେବ ନିଜର ଲଭ୍ ଲାଇଫ୍‌କୁ ନେଇ ସବୁବେଳେ ଚର୍ଚ୍ଚା ମଧ୍ୟରେ ରହିଥାଆନ୍ତି ଆକ୍ଟ୍ରେସ୍ ଅଦିତି ରାଓ ହାଇଦରୀ । ସାଉଥ୍ ଷ୍ଟାର୍ ସିଦ୍ଧାର୍ଥଙ୍କୁ ସେ ଡେଟ୍ କରୁଥିଲେ ବୋଲି ସମସ୍ତ ମିଡିଆରେ ଖବର ଘୂରିବୁଲୁଥିଲା । ହେଲେ ବର୍ତ୍ତମାନ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ଏବଂ ଡେଟିଂ ରୁ୍ୟମର୍ସ ମ୍ୟାରେଜ୍‌ରେ ପରିଣତ ହୋଇଛି ବୋଲି ଶୁଣିବାକୁ ମିଳୁଛି । ସେ ତାଙ୍କ ରୁ୍ୟମର୍ ବୟଫ୍ରେଣ୍ଡ୍ ସିଦ୍ଧାର୍ଥଙ୍କୁ ତେଲେଙ୍ଗାନାରେ ଲୁଚିଛପି ଦ୍ୱିତୀୟ ବିବାହ କରିଥିବା ଜଣାପଡ଼ିଛି । ଯାହାଫଳରେ ଅଦିତି ଏବେ ପୁଣିଥରେ ମିସ୍‌ରୁ ମିସେସ୍ ହୋଇଥିବା ଜୋର୍‌ଦାର୍ ଚର୍ଚ୍ଚା ହେଉଛି । ତେଲେଙ୍ଗାନାର ଶ୍ରୀ ରଙ୍ଗନାୟକସ୍ୱାମୀ ମନ୍ଦିରରେ ଏକ ଅନ୍ତରଙ୍ଗ ସମାରୋହରେ ଉଭୟଙ୍କର ବିବାହ ସମ୍ପନ୍ନ ହୋଇଛି । ୨୦୨୧ରେ ଏହି ଦୁଇ ଷ୍ଟାର୍ ତାମିଲ-ତେଲୁଗୁ ଫିଲ୍ମ ମହାସମୁଦ୍ରମ୍‌ରେ ଏକାଠି କାମ କରିଥିଲେ । ସେବେଠାରୁ ହିଁ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ବନ୍ଧ ସ୍ଥାପନ ହୋଇଥିବା କୁହାଯାଏ । ତେବେ ସିଦ୍ଧାର୍ଥଙ୍କ ପୂର୍ବରୁ ଅଦିତି ୨୦୦୯ରେ ଆକ୍ଟର ସତ୍ୟଦୀପ ମିଶ୍ରଙ୍କୁ ବିବାହ କରିଥିଲେ । ହେଲେ ଏହି ସମ୍ପର୍କ ବେଶିଦିନ ପର୍ଯ୍ୟନ୍ତ ତିଷ୍ଠିପାରିଲା ନାହିଁ । ଯାହାଫଳରେ ମାତ୍ର ୪ ବର୍ଷ ପରେ ଏହି ବିବାହ ବିଚ୍ଛେଦର ରୂପ ନେଇଥିଲା ।



# ରତୁଟି ସୁନ୍ଦର

କିଚିରି ମିଚିରି ପକ୍ଷୀ କାକଳିରେ
ଫାଟିପଡ଼େ ଗାଆଁଭୂଇଁ
ଝଲମଲ କରେ ଗାଆଁମାଟି ଛାତି
ସୁରୁଯ ଆକାଶେ ଉଇଁ ।।
ପରଜାପତିଟି ଦୂରୁ ଉଡ଼ିଆସି
ଫୁଲକୋଳେ ଯାଏ ବସି
ଗୁଣୁ ଗୁଣୁ ଗୀତ ଶୁଣି ଭଅଁରର
ଫୁଲଟିତ ଦିଏ ହସି ।।
ଡାମରା କାଉଟା କାଆ କାଆ ରାବି
ଭାଙ୍ଗେ ମଣିଷର ନିଦ
ଶ୍ରମିକ କୃଷକ ଧାଆନ୍ତି କାମକୁ
ଭୁଲି ଜୀବନର ଖେଦ ।।
ମନ ଫୁଲାଣିଆ ଗୀତ ପଦେ ଗାଇ
ବାଟୋଇ ସଡକେ ଧାଏଁ
ଦୂର ଆକାଶରୁ ଟିକି ଚଢ଼େଇଟି
ଧୂଳି ଧରାଣୀକୁ ଚାହେଁ ।।
କେତେ ଜାତି ଫୁଲ ତୋଳିଆଣି ଝୁଡ଼ି
ତିଆରେ ସୁନ୍ଦର ହାର
ଠାକୁର ଗଳାରେ ଝୁଲାଇ ଢାଳେସେ
ଭକତିର ଲୁହଧାର ।।
କୁନି କୁନି ପିଲା ବାଟେ ଯାଉ ଯାଉ
ଶୁଣନ୍ତି କୋଇଲି ଗୀତ
ରତୁଟି ସୁନ୍ଦର ଦିଶେ ମନୋହର
ମେଲାଣି ନେଇଚି ଶୀତ ।।
ବସନ୍ତ ରତୁରେ ପ୍ରକୃତିର ଛବି
ସଭିଙ୍କର ମନମୋହେ
ସହରଠୁ ଗାଆଁ ଜାତି ଜାତି ଫୁଲ
ପତର ଫଳରେ ଶୋହେ ।।

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୭୮୮୨୨୧୯୦

# ବସନ୍ତର ଏଇ ନିଆରା ଚିହ୍ନ

କିଏ ସେ ଆସିଛି ଆମରି ରାଇଜେ
ଥିରିଥିରି ତା'ର ପକାଇ ପାଦ
ନୂଆ ବୋହୂ ପରି ସଜେଇ ହୋଇ ସେ
ମୁଖରୁ ଝରାଏ କଅଁଳ ନାଦ ।।
ତା' ଆସିବା ଜାଣି ସଜେଇ ହେଲାଣି
ଗଛ ବୃଛ ବନ କଅଁଳ ଲତା
ସବୁଠି ସୁନ୍ଦର ଲାଗୁଛି ତା ପାଇଁ
ଦେଖିଲେ ଆଖିର ପଡୁନି ପଡା ।।
ଆମ୍ବ ବଉଳରେ ମହ ମହ ବାସ
ସେ ଆସିବା ଜାଣି ଗଲାଣି ଭରି
ତୋଟା ଗହଳରୁ କୋଇଲି କୁହୁକୁ
ଧୀର ପବନରେ ଆସୁଛି ଝର ।।
କୁଳୁକୁଳୁ ନାଦେ ବହୁଛି ଝରଣା
ତା' ଶୁଭ ବାରତା ସାଥିରେ ଧରି
ପିଲାଠାରୁ ବୁଢ଼ା ସବୁ ମନ ତଳେ
ସୁଖ ଶାନ୍ତି ସିଏ ଦେଲାଣି ଭରି ।।
ପକ୍ଷୀଏ ତା'ପାଇଁ ପାଗଳ ପରାଏ
ଗାଉଛନ୍ତି ଗୀତ ଡେଣାକୁ ଝାଡ଼ି
ଏସନେ ପାଖରୁ ଶୀତର ଶୀତଳ
ଯାଇଅଛି ଏଇ ମରତ ଛାଡ଼ି ।।
ତା' ପାଇଁ ଆସିଛି ରଙ୍ଗର ପରବ
ବୋଳି ଦେବ ରଙ୍ଗ ସବୁରି ମନେ
ସବୁରି ମୁହଁରେ ହସର ଫୁଆରା
ନାହିଁ ଦୁଃଖୀ କେହି ଗୋଟିଏ ଜଣେ ।।
ଗରିଷମ ଦାଉ ବଢ଼ିବଢ଼ି ଯାଏ
ସେ ଆସିବା ଜାଣି ଦିନକୁ ଦିନ
ଛାଡ଼ି ଦେଇଯିବ ସବୁରି ମନେ ସେ
ବସନ୍ତର ଏଇ ନିଆରା ଚିହ୍ନ ।।


**ଅଶୋକ କୁମାର ପ୍ରଧାନ**
ମୋ: ୮୨୪୯୧୧୯୧୩୦



# ଭାରି ଉପକାରୀ ଗଛ

ବୀଜଟିଏ ପଡ଼ି ଧରଣୀ କୋଳରେ
ଜନ୍ମନିଏ ଚାରା ବଳେ
ଧୀରେ ଧୀରେ ତା'ର ରୂପ ବଦଳାଏ
ଜଳ ପାଉଥିଲେ ମୂଳେ ।।
ପାଇ ସେ ଉତ୍ତାପ ମୃତ୍ତିକାରୁ ସାର
ଛୋଟରୁ ସେ ବଡ଼ ହୁଏ
ଭାରି ଉପକାରୀ  ଗଛଟି ଆମରି
ଫୁଲ ଫଳ ସବୁ ଦିଏ ।।
ଖାଇ କେତେ ଖରା ଦେଉଥାଏ ପରା
ମଣିଷକୁ ଛାଇ, ଫଳ
ପିଇ ଅଙ୍ଗାରକାମ୍ଳ ଛାଡ଼େ ଅମ୍ଳଜାନ
ଭସାଏ ଆକାଶେ ଜଳ ।।
ନେଇ ଯେ ବିଶ୍ରାମ ପାଏ ସେ ଆରାମ
ପଥିକ ବସି ତା ମୂଳେ
କ୍ଳାନ୍ତ ଦୂର କରି ଆହା ପଦେ କହି
ପଥିକ ସେଠାରୁ ଚଳେ ।।
ନିଜେ ବଞ୍ଚିସିଏ ଅନ୍ୟକୁ ବଞ୍ଚାଏ
ତା'ଧରମ ସିଏ ପାଳେ
ସ୍ୱାର୍ଥବୁଦ୍ଧି ନର ନିଜ ସ୍ୱାର୍ଥ ପାଇଁ
କଟୁରୀ ଲଗାଏ ଡାଳେ ।।
ସରୀସୃପ ପକ୍ଷୀ ଆଶ୍ରୟର ଘର
ଅଟଇ ଏଇ ପାଦପ
ଶତ୍ରୁ ସାଜି ନର କାଟି ଡାଳ ମୂଳ
ଦେଖାଏ ନିଜ ବହପ ।।
ହେ ମାନବ ଜାତି ଦେଖ ଦିନରାତି
କରେ ଉପକାର ଗଛ
ନ ହାଣି ଗଛକୁ ଯତ୍ନ ନିଅ ତାକୁ
ଭାବି ଟିକେ ଆଗ ।।


**ଦୀନବନ୍ଧୁ ପୋଇ**
ଗୋରଡ଼ା ପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨



# ଟିକିଟିକି

ଟିକିଟିକି ମାମା, ଅଂଶୁ
ମାଆ କୋଳେ ବସନ୍ତି
ଟିକିଟିକି ଦାନ୍ତ ଖୋଲି
ଖିଲିଖିଲି ହସନ୍ତି ।।୧।।
ଟିକିଟିକି ଆଖିରେ
ଦୁନିଆଁକୁ ଦେଖଇ
ମଜା କଥା କହି ସାରା
ଜଗତକୁ ହସାଇ ।।୨।।
ଟିକିଟିକି ଫୁଲ ସବୁ
ବଗିଚାରେ ଫୁଟଇ,
ଟିକିଟିକି ଭଅଁର ତା
ଚାରିଆଡେ ଘୂରଇ ।।୩।।
ଟିକିଟିକି ଶୁଣ୍ଢରେ ସେ
ଫୁଲ ରସ ଶୋଷଇ,
ନିଜ କାମ ନିଜେ କର
କାନେକାନେ କହଇ ।।୪।।

**କନ୍ଦର୍ପ ବେହେରା**
କବି କୁଟିର, ଡଇଁଚା, ରେଢାଖୋଲ, ସମ୍ବଲପୁର
ମୋ: ୭୦୭୭୫୭୯୩୧୭



# ମାଛିରେ ମାଛି

ମାଛିରେ ମାଛି ମାଛିରେ ମାଛି
ରୋଗ ଆଣୁ ଯେତେ ତୁ ବାଛି ବାଛି ।
ନାଳ ନରଦମା ତୋହରି ଘର
ରହୁ ସାଥୀମେଳେ ନାହିଁ ତୋ ଡର ।
ମଳ, ମୂତ୍ର, କଫ ଉପରେ ବସି
ରୋଗ ଜୀବାଣୁ ତୁ ଦେଉ ପରଶି ।
ତୋ ପାଇଁ ମଣିଷ କଷଣ ଭୋଗେ
ପଡ଼ଇ କେତେ ଯେ ଅଜଣା ରୋଗେ ।
ଡାକତର ପାଖେ ପଇସା ସାରେ
କିଏ ବଞ୍ଚେ କିଏ ଜୀବନ ହାରେ ।
କହ କିଆଁ କରୁ ଏମିତି କାମ
କି ଶତ୍ରୁତା ଅଛି ଭିତରେ ଆମ ।
ତୋ ପାଇଁ ଔଷଧ କିଣିକି ଆଣୁ
ତାକୁ ତୁ ଖାଇଲେ ମରିବୁ ଜାଣୁ ।
ତଥାପି ମନରେ ନାହିଁ ତୋ ଭୟ
ବିଷରେ ବସୁ ତୁ ହୋଇ ନିର୍ଭୟ ।
ଉଷୁମ ଖାଇବୁ ରଖିବୁ ଘୋଡ଼ି
ସପନ ଦେବୁ ତୋ ଏମିତି ପୋଡ଼ି ।
ତତେ ସାବଧାନ ସବୁଠି ହେବୁ
ଆଛା କରି ପାନେ ତତେ ହିଁ ଦେବୁ ।

**ଜୟନ୍ତ କୁମାର ମଲ୍ଲିକ୍**
ଶୁରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭



# ଡେଥ୍ ଫର୍ ଡେଥ୍




ରୁଷ୍ ରାଜଧାନୀ ମସ୍କୋର କ୍ରୋକସ୍ ସିଟି ହଲ୍‌ରେ ମାର୍ଚ୍ଚ ୨୨ ତାରିଖ ରାତିରେ ଘଟିଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ଏପର୍ଯ୍ୟନ୍ତ ୧୩୭ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ୧୮୨ରୁ ଅଧିକ ଲୋକ ଆହତ ଓ ୪୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି । ସିଟି ହଲ୍ ରେକର୍ଡ ଅନୁସାରେ ମୃତକଙ୍କ ମଧ୍ୟରୁ ୯୦ ଜଣଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟମାନଙ୍କ ପରିଚୟ ମିଳିପାରି ନାହିଁ । ଘଟଣାସ୍ଥଳରୁ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆକ୍ରମଣ ପାଇଁ ଆଇଏସ୍‌ଆଇଏସ୍ ନିଜକୁ ଦାୟୀ କରିଛି । ଘଟଣା ପାଇଁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନ୍ ଆଡକୁ ଅଙ୍ଗୁଳି ଦେଖାଇଥିବା ବେଳେ ରୁଷର ପୂର୍ବତନ ରାଷ୍ଟ୍ରପତି ତଥା ନେଶନାଲ ସିକ୍ୟୁରିଟି କାଉନ୍‌ସିଲ୍‌ର ଡେପୁଟି ଚେୟାର୍‌ପର୍ସନ୍ ଦିମିତ୍ରୀ ମେଡ୍‌ଭେଡେଭ ରକ୍ତର ପ୍ରତିଶୋଧ ରକ୍ତ (ଡେଥ୍ ଫର୍ ଡେଥ୍)ରେ ନିଆଯିବ ବୋଲି କହିଛନ୍ତି । ସେ କହିଛନ୍ତି ଆତଙ୍କବାଦୀ କେବଳ ଆତଙ୍କର ଭାଷା ବୁଝନ୍ତି । ଯେପର୍ଯ୍ୟନ୍ତ ବଳର ଯବାବ ବଳରେ ଦିଆନଯିବ କିମ୍ବା ଆତଙ୍କବାଦୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଉପରେ କର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେ ପର୍ଯ୍ୟନ୍ତ ସବୁ ଯାଞ୍ଚ ମୂଲ୍ୟହୀନ ।

ମସ୍କୋ କ୍ରୋକସ୍ ସିଟି ହଲ୍ ଆକ୍ରମଣ ପାଇଁ ଇସ୍‌ଲାମିକ୍ ଷ୍ଟେଟ୍ ଅଫ୍ ସିରିଆ ଆଣ୍ଡ ଇରାକର (ଆଇଏସ୍‌ଆଇଏସ୍) ଏକ ଶାଖା ଆଇଏସ୍‌ଆଇଏସ୍-କେ ନିଜକୁ ଦାୟୀ କରିଥିବା ବେଳେ ୪ ଅଭିଯୁକ୍ତଙ୍କୁ ମସ୍କୋ ଡିଷ୍ଟ୍ରିକ୍ଟ କୋର୍ଟରେ ହାଜର କରାଯାଇଛି । ଏମାନଙ୍କ ବୟସ ୧୯ରୁ ୩୨ ବର୍ଷ ମଧ୍ୟରେ ଓ ନାମ ଦାଲେରଦଜୋନ, ସାଇଦାକରାମୀ, ସାମସିଦିନ ଓ ଫୈଜୋବ ବୋଲି ଜଣାପଡ଼ିଛି । ସମସ୍ତେ ତାଜିକିସ୍ତାନର ନାଗରିକ ହୋଇଥିବା ବେଳେ ଥାର୍ଡଡିଗ୍ରୀ ପରେ ସମସ୍ତେ ସତ ଓଗାଳିଛନ୍ତି । ହ୍ୱିଲ୍‌ଚେୟାର୍‌ରେ କୋର୍ଟକୁ ଆସିଥିବା ସର୍ବକନିଷ୍ଠ (୧୯ ବର୍ଷ) ଅଭିଯୁକ୍ତ ଫୈଜୋବ ଏହି ଆକ୍ରମଣ ପାଇଁ ତାଙ୍କୁ ୫ ହଜାର ଡଲାର ବା ୪ ଲକ୍ଷ ଟଙ୍କା ଦିଆଯାଇଥିବା କହିଛନ୍ତି ।


ଗିରଫ ଅଭିଯୁକ୍ତମାନେ ଫରାସୀ ଭାଷା କହୁଥିବା ଓ ଆକ୍ରମଣ ପରେ ୟୁକ୍ରେନ୍ ଆଡ଼କୁ ଧାଉଁଥିବାରୁ ଏମାନଙ୍କ ସମ୍ପର୍କ ୟୁକ୍ରେନ୍ ସହ ରହିଛି ବୋଲି ପୁଟିନ ସିଧାସଳଖ ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି । ସେ କହିଛନ୍ତି ପୁଟିନ ଓ ଅନ୍ୟ ଠଗମାନେ ଆମ ଉପରେ ଅଭିଯୋଗ ଆଣିବା ସ୍ୱାଭାବିକ, କିନ୍ତୁ ଆମର ଏଥିରେ କୌଣସି ସମ୍ପୃକ୍ତି ନାହିଁ । ଆମେ ରୁଷ୍‌ଠାରୁ କେବଳ ଆମ ସୀମାକୁ ବଞ୍ଚାଇବାକୁ ଚେଷ୍ଟା କରୁଛୁ । ୟୁକ୍ରେନ୍‌ର ଏକ ମିଡିଆ ପକ୍ଷରୁ କୁହାଯାଇଛି, ପୁଟିନ୍ ସହାନୁଭୂତି ଲାଗି ନିଜେ ଏହି ଆକ୍ରମଣ କରାଇଛନ୍ତି । ଅନ୍ୟପକ୍ଷରେ ଏହି ଆକ୍ରମଣକୁ ନେଇ ଆମେରିକା ଓ ରୁଷ୍ ମଧ୍ୟରେ ହୋଇଥିବା ଆଲୋଚନାକୁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଖଣ୍ଡନ କରାଯାଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ପୁଟିନ୍‌ଙ୍କ ମଧ୍ୟରେ କୌଣସି ଫୋନ୍‌କଲ୍ ସିଡ୍ୟୁଲ୍ ନାହିଁ ବୋଲି ହ୍ୱାଇଟ୍ ଆଉସ୍‌ର ଜଣେ ପ୍ରବକ୍ତା ସ୍ପଷ୍ଟ କରିଛନ୍ତି । ୟୁକ୍ରେନ୍ ଯୁଦ୍ଧକୁ ନେଇ ଆମେରିକା ଓ ରୁଷ୍ ମୁହାଁମୁହିଁ ହୋଇଥିଲେ । ଦୁହେଁ ପରସ୍ପର ଉପରେ ଆକ୍ସନ ନେବା ବି ଆରମ୍ଭ କରିଥିଲେ । ଗତବର୍ଷ ରୁଷ୍ ଆମେରିକାର ଦୁଇ ଡିପ୍ଲୋମାଟ୍‌ଙ୍କୁ ନିଜ ଦେଶରୁ କାଢ଼ିଦେବା ପରେ ଆମେରିକା ମଧ୍ୟ ରୁଷ୍ ଡିପ୍ଲୋମାଟ୍‌ଙ୍କୁ ଆମେରିକା ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲା । ଏହାକୁ ନେଇ ଦୁଇଦେଶ ମଧ୍ୟରେ କୂଟନୈତିକ ଶୀତଳ ଯୁଦ୍ଧ ଚାଲିଥିବା ଆଲୋଚନା ହୋଇଥିଲା ।

ମାର୍ଚ୍ଚ ୨୨ରେ ମସ୍କୋ କ୍ରୋକସ ସିଟି ହଲ୍‌ରେ ପ୍ରସିଦ୍ଧ ରୁଷୀୟ ରକ୍ ବ୍ୟାଣ୍ଡ 'ପିକନିକ'ର କନ୍‌ସର୍ଟ ଚାଲିଥିଲା । ଏହି ସମୟରେ ହଲ୍‌ରେ ପ୍ରାୟ ୬୨୦୦ ଲୋକ ଉପସ୍ଥିତ ଥିଲେ । ବିଳମ୍ବିତ ରାତିରେ ହଠାତ୍ ସୁରକ୍ଷା ବଳୟ ଭେଦକରି ସେନା ପୋଷାକ ପରିଧାନ କରିଥିବା ୪ ଆତଙ୍କବାଦୀ ମେନ୍‌ଗେଟ୍‌ରେ ଥିବା ସିକ୍ୟୁରିଟିଙ୍କୁ ଗୁଳିକରି ଭିତରକୁ ପଶିବା ମାତ୍ରେ ଭିତରପଟୁ ଗେଟ୍ ବନ୍ଦ କରିଦେଇଥିଲେ । ଅନ୍ୟ ୭ ଜଣ ତାଙ୍କୁ ବାହାରୁ ସହାୟତା କରିଥିଲେ । ତେବେ ପୂରା ପ୍ଲାନ୍ ଅନୁସାରେ ଆଗରୁ ହଲ୍ ଭିତରେ ଅସ୍ତ୍ରଶସ୍ତ୍ର ରଖାଯାଇଥିବା କୁହାଯାଉଥିବା ବେଳେ ଚାରି ଆତଙ୍କବାଦୀ ଭିତରରେ ଥିବା ଲୋକମାନଙ୍କୁ ଅତି ନିକଟରୁ ମେଶିନଗନ, ପିସ୍ତଲ ଓ ଛୁରୀରେ ଆକ୍ରମଣ କରିଥିଲେ । ପରେ ପେଟ୍ରୋଲ ବମ୍ ପକାଇ ପୂରା ହଲ୍‌କୁ ଜାଳିଦେବାକୁ ଚେଷ୍ଟା କରିଥିଲେ । ଚାହୁଁ ଚାହୁଁ ପୂରା ହଲ୍ ନିଆଁ, ଧୂଆଁରେ ଭରିଯାଇଥିଲା । ଚାରିଆଡେ ରକ୍ତର ଛିଟା ଆଉ ଆର୍ତ୍ତ ଚିତ୍କାର ପରେ ସମ୍ପୂର୍ଣ୍ଣ ହଲ୍ ନିଆଁ ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା । ଏହି ସୁଯୋଗରେ ୪ ଅଭିଯୁକ୍ତ ଏକ ଧଳା ରଙ୍ଗର କାର୍‌ରେ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ରୁଷ୍-ୟୁକ୍ରେନ ବର୍ଡରରୁ ଏମାନଙ୍କୁ ଗିରଫ କରାଯାଇଥିଲା । ଘଟଣାକୁ ନେଇ ସାରା ବିଶ୍ୱ ଦୁଃଖ ପ୍ରକଟ କରିଥିବା ବେଳେ ରୁଷ୍‌ରେ ଦିନକ ପାଇଁ ରାଷ୍ଟ୍ରୀୟ ଶୋକ ପାଳନ କରାଯାଇଥିଲା ।


ବିବିସି ରିପୋର୍ଟ ଅନୁସାରେ ଆକ୍ରମଣ ଆଇଏସ୍‌ଆଇଏର ଏକ ଶାଖା 'ଆଇଏସ୍‌ଆଇଏସ୍-କେ' ପକ୍ଷରୁ କରାଯାଇଥିଲା । ଏହାର ନାମ ଉତ୍ତରପୂର୍ବ ଇରାନ, ଦକ୍ଷିଣ ତୁର୍କମିନିସ୍ତାନ ଓ ଉତ୍ତର ଆଫଗାନିସ୍ତାନର କିଛି ଅଞ୍ଚଳର ନାଁ ଅନୁସାରେ ରଖାଯାଇଥିଲା । ଏହି ସଙ୍ଗଠନ ୨୦୧୪ରେ ଆଫଗାନିସ୍ତାନରେ ସକ୍ରିୟ ହୋଇଥିଲା । ଏବେ ରୁଷ୍‌ର ଉଗ୍ରବାଦୀ ସମୂହର ଅନେକ ଯୁବକ ଏଥିରେ ସାମିଲ ହୋଇସାରିଛନ୍ତି । ପୁଟିନ ସରକାର ଚେଚେନ୍ୟା ଓ ସିରିଆରେ ଆକ୍ରମଣ କରି ମୁସଲମାନଙ୍କ ଉପରେ ଅତ୍ୟାଚାର କରୁଥିବାରୁ ଏହି ସଙ୍ଗଠନ ଏହାର ବିରୋଧ କରିଆସୁଛି ।

ନ୍ୟୁୟର୍କ ଟାଇମ୍‌ସର ରିପୋର୍ଟ ଅନୁସାରେ ମାର୍ଚ୍ଚ ୭ ତାରିଖରେ ଆମେରିକା ଦୂତାବାସ ପକ୍ଷରୁ ମସ୍କୋ ଆକ୍ରମଣର ପ୍ରାକ୍ ସୂଚନା ଦିଆଯାଇଥିଲା । ଏପରିକି ଦୂତାବାସ ପକ୍ଷରୁ ଆଡଭାଇଜରୀ ଜାରି କରାଯାଇ ରୁଷ୍‌ରେ ରହୁଥିବା ଆମେରିକା ନାଗରିକଙ୍କୁ କିଛିଦିନ ପାଇଁ କୌଣସି ବଡ଼ ସଭାରେ ଯୋଗ ନ ଦେବାପାଇଁ କୁହାଯାଇଥିଲା । କିନ୍ତୁ ପୁଟିନ୍ ଏପରି ନିର୍ଦ୍ଦେଶର ନିନ୍ଦା କରିଥିଲେ ।

ରୁଷ୍-ଆତଙ୍କବାଦୀ-ଆକ୍ରମଣ ଏ ସମ୍ପର୍କ ବହୁ ପୁରୁଣା । ରୁଷ୍‌ରେ ଆତଙ୍କୀ ହମ୍‌ଲା ଚିଠା ଖୁବ୍ ଲମ୍ବା । ୧୯୯୯ରୁ ଆରମ୍ଭ କରି ରୁଷ୍‌ରେ ଅନେକ ଆକ୍ରମଣ ସଂଗଠିତ ହୋଇସାରିଛି । ୧୯୯୯ ସେପ୍ଟେମ୍ବର ମାସରେ ଏକ ୮ ମହଲା ବିଶିଷ୍ଟ ବିଲ୍ଡିଂ ବିସ୍ଫୋରଣରେ ୧୧୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦୨ ଅକ୍ଟୋବର ମସ୍କୋ ଥିଏଟର ଧମାକାରେ ୧୨୯ ଜଣ ପ୍ରାଣ ହରାଇଥିଲେ । ସେହିପରି ଜୁଲାଇ ୨୦୦୩ ରକ୍ କନ୍‌ସର୍ଟ ବ୍ଲାଷ୍ଟରେ ୧୫ ଜଣ, ଫେବୃୟାରୀ ୨୦୦୪ ମେଟ୍ରୋ ବ୍ଲାଷ୍ଟରେ ୪୧, ମାର୍ଚ୍ଚ ୨୦୧୦ ମେଟ୍ରୋ ସୋସାଇଟି ବିଲ୍ଡିଂ ଧମାକାରେ ୪୦ ଓ ଜାନୁୟାରୀ ୨୦୧୧ରେ ଏୟାର୍‌ପୋର୍ଟ ସୋସାଇଟି ବିଲ୍ଡିଂ ବିସ୍ଫୋରଣରେ ୩୭ ଜଣଙ୍କ ମୃତ୍ୟୁ ହୋଇଥିଲା ।



# ଇ ମିଲ୍




ଇ ମିଲ୍ ହେଉଛି ଏକ ମିଲ୍ ପ୍ଲାନିଂ ସର୍ଭିସ୍ ଯାହା ଆମକୁ ଘରେ ରହି କିଭଳି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇହେବ ସେ ନେଇ ଗାଇଡ୍ କରିଥାଏ । ଏହି ଇ ମିଲ୍ ଆପ୍‌କୁ ବ୍ୟବହାର କରି ଆପଣ ଏକ କଷ୍ଟମ୍ ମିଲ୍ ପ୍ଲାନ କରିପାରିବେ ଯେଉଁଥିରେ ଆପଣ ନିଜ ଅନୁଯାୟୀ ଖାଦ୍ୟକୁ ସାମିଲ କରିପାରିବେ । ଏଥିରେ ଥିବା ସମସ୍ତ ରେସିପିରେ ଆପଣ ସମ୍ପୂର୍ଣ୍ଣ ପ୍ରକ୍ରିୟା ସହିତ ଏହି ଡିସ୍‌ରେ କେତେ ପରିମାଣରେ ନ୍ୟୁଟ୍ରେସନ୍ ରହିଛି ଏନେଇ ସୂଚନା ଦେଇଥାଏ । ଏହି ଆପ୍‌ରେ ବିଶେଷଭାବେ ରାତ୍ରି ଭୋଜନ ଉପରେ ଗୁରୁତ୍ୱ ଦିଆଯାଇଥାଏ । ତେବେ ଏହି ଆପ୍‌ରେ ଜଣେ ସବୁ ସମୟର ଖାଦ୍ୟ ଯେପରି ସକାଳ ଜଳଖିଆ, ଖରାବେଳ ଖାଇବା, ଖାଇବା ପରେ ମିଠା, କୌଣସି ପର୍ବ ପର୍ବାଣୀ କିମ୍ବା ସ୍ପେସାଲ ଅକେଜନରେ କଣ ଖାଇହେବ ଏ ସମସ୍ତ ବିଷୟରେ ବିବରଣୀ ପାଇ ପାରିବେ । ସେହିଭଳି ଯଦି ଆପଣଙ୍କର ଖାଦ୍ୟକୁ ନେଇ କିଛି ଆଲର୍ଜି ଅଛି ସେ ନେଇ ମଧ୍ୟ ଏଥିରେ ସୂଚନା ଦେଇ ହୋଇଥାଏ । ଏହି ଆପ୍‌ରେ ପ୍ରତି ସପ୍ତାହର ମିଲ୍ ପାଇଁ ପ୍ରଥମେ ସଜେସନ୍ ଆସିଥାଏ । ଯେଉଁଥିରୁ ଆପଣ କଷ୍ଟମ ମେନ୍ୟୁ ସିଲେକ୍ଟ କରିପାରିବେ । ଏହି ସର୍ଭିସ୍‌ରେ ପାଖାପାଖି ୧୫ଟି ମେନ୍ୟୁ ରହିଥାଏ ଯେଉଁଥିରୁ ଆପଣ ନିଜର ମିଲ୍ ସିଲେକ୍ଟ କରିପାରିବେ ।

## ମେନ୍ୟୁ ଡିଟେଲ

➤**କ୍ଲିନ୍ ଇଟିଂ** : ପ୍ରତି ରେସିପି ଯେତିକି ଆବଶ୍ୟକ ସେତିକି ସାମଗ୍ରୀରୁ ପ୍ରସ୍ତୁତ କରାଯାଇଥାଏ ।

➤**କିଟୋ** : ଲୋ କ୍ରାବ, ହାଇ ଫ୍ୟାଟ୍, ମଧ୍ୟମ ଧରଣର ପୋଷଣ ।

➤**ଶୀଘ୍ର ଓ ପୋଷଣପୂର୍ଣ୍ଣ** : ସାଦାସିଧା,

➤**୩୦ ମିନିଟ୍** : ଫାଷ୍ଟ ଓ ଫ୍ୟାମିଲ୍ ଫ୍ରେଣ୍ଡଲି ।

➤**ବଜେଟ୍ ଫ୍ରେଣ୍ଡଲି** : କମ୍ ବଜେଟ୍‌ରେ ଭଲ ଖାଦ୍ୟ ।

➤**କିଡ୍ ଫ୍ରେଣ୍ଡଲି** : ଛୋଟ ଶିଶୁଙ୍କ ପାଇଁ ଲାଭ ଦାୟକ ।

➤**ସ୍ଲୋ କୁକର୍** : ଧୀର ପ୍ରକ୍ରିୟାରେ ଖାଦ୍ୟ ପ୍ରସ୍ତୁତ ।

➤**ହାର୍ଟ ହେଲ୍‌ଥ** : ଗୋଟିଏ ଥରରେ ୫୦୦ କ୍ୟାଲୋରୀରୁ କମ୍ ଓ ୮୦୦ ଏମ୍‌ଜି ସୋଡିୟମରୁ କମ ।

➤**ଲୋ କ୍ୟାଲୋରୀ** : ଥରକେ ୫୦୦ ଗ୍ରାମ କ୍ୟାଲୋରୀରୁ କମ ।

➤**ଲୋ କ୍ରାବ** : ଗୋଟିଏ ଥରରେ ୨୦ ଗ୍ରାମରୁ କ୍ରାବ୍ କମ ।

➤**ପାଲେଓ** : ଗ୍ଲୁଟେନ୍ ଫ୍ରି, ଡ୍ୟାରୀ ଫ୍ରି ।

**ଆଜିକାଲି ଆମ ଦୈନନ୍ଦିନ ଜୀବନର ଅନେକ କଥା ଆମେ ଅନ୍‌ଲାଇନ୍‌ରେ ପାଉଛେ । ଅନ୍‌ଲାଇନ୍‌ରେ ପୋଷାକ, ଖାଦ୍ୟ ଠାରୁ ଆରମ୍ଭ କରି ଘରର ଗ୍ରୋସରୀ ସବୁ କିଛି ମିଳିଯାଉଛି । ତେବେ ବର୍ତ୍ତମାନ ଡାଏଟ୍ କରିବାକୁ ପସନ୍ଦ କରୁଥିବା ଲୋକଙ୍କ ମଧ୍ୟରେ ଇମିଲ୍‌ର ଅଧିକ କ୍ରେଜ ଦେଖିବାକୁ ମିଳୁଛି ।**

➤**ମେଡିଟେରିଆନ୍** : ମେଡିଟେରିଆନ୍ ଡାଏଟ୍‌କୁ ଅନୁକରଣ କରି ପ୍ରସ୍ତୁତ ଖାଦ୍ୟ ।

➤**ପ୍ଲାଣ୍ଟ ବେସ୍ଡ** : ଭିଗାନ୍ ଓ ଭେଜିଟେରିଆନ୍ ।

ଏହା ଆପ୍‌କୁ ପ୍ରଥମେ ଭଲକରି ବୁଝିବାକୁ ହୋଇଥାଏ, ଏହାପରେ ସହଜରେ ବ୍ୟବହାର କରିହୁଏ । ବେଳେବେଳେ ଏହି ଆପ୍‌ରେ ମେନ୍ୟୁ ଓଭରଲାପ୍ ମଧ୍ୟ ହୋଇଥାଏ । ତେବେ ଏହି ଆପ୍‌କୁ ବ୍ୟବହାର କରୁଥିବା ଲୋକଙ୍କୁ ନିଜର ମିଲ୍ ପ୍ଲାନ କରିବା ସହଜ ହୋଇଥାଏ । ଏଥିରେ ବିଭିନ୍ନ ଭେରାଇଟିର ମିଲ୍ ପ୍ଲାନ ରହିଥିବାରୁ ଜଣେ ଖୁବ ସୁବିଧାରେ ନିଜ ମନ ପସନ୍ଦର ଖାଦ୍ୟ ଖାଇବା ସହିତ ହେଲ୍‌ଦି ମଧ୍ୟ ରହିପାରିବ । ଏହାଦ୍ୱାରା ଡାଏଟ୍‌ରେ ଡାଇଭର୍ସିଟି ଆଡ୍ ହୋଇଥାଏ । ଏଥିରେ ମିଲ୍ ବ୍ୟତିତ ଗ୍ରୋସରୀ ଲିଷ୍ଟ ମଧ୍ୟ ପ୍ଲାନ୍ କରିବାକୁ ଅପସନ୍ ରହିଥାଏ । ଏହି ଇ ମିଲ୍ ସର୍ଭିସଗୁଡିକରେ କଷ୍ଟମର ସର୍ଭିସ ମଧ୍ୟ ରହିଥାଏ ଯେଉଁଥିରେ ଆପଣ କଷ୍ଟମର ଆସିଷ୍ଟାଣ୍ଟଙ୍କ ସହିତ କଥା ହୋଇପାରିବେ । ତେବେ ଏଥିପାଇଁ ବିଭିନ୍ନ ପ୍ରକାରର ଫିଷ୍ଟ୍ରକଚର ରହିଥାଏ, ଯାହା ଆପଣଙ୍କୁ ଗାଇଡ୍‌ଲାଇନ୍‌ରେ ମିଳିଯିବ ।





# ଚଇତି ମଙ୍ଗଳବାର

**ଓଡ଼ିଶାର ପ୍ରମୁଖ ଆଞ୍ଚଳିକ ପର୍ବ ମଧ୍ୟରେ ଚୈତ୍ର ମଙ୍ଗଳବାର ଓଷା ଅନ୍ୟତମ । ଏହି ଦିନ ସାଇପଡ଼ିଶାର ସଧବା ମହିଳାମାନେ ରାସ୍ତାରେ ପଙ୍କେଇ ଖୋଲି ମା' ମଙ୍ଗଳାଙ୍କୁ ଆବାହନ କରିଥାଆନ୍ତି । ଧୂପ, ଦୀପ, ନୈବିଦ୍ୟ ଦେଇ ମା'ଙ୍କୁ ପୂଜା କରିବା ପରେ ପଣା ଅର୍ପଣ କରି ପୂଜାବିଧିକୁ ସମ୍ପନ୍ନ କରିଥାଆନ୍ତି ।**

ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ ପ୍ରତିବର୍ଷ ଚୈତ୍ର ମାସରେ ମା' ମଙ୍ଗଳାଙ୍କର ଚଇତି ମଙ୍ଗଳବାର ଓଷା ପଡ଼ିଥାଏ । ଏହି ମାସରେ ପଡୁଥିବା ସମସ୍ତ ମଙ୍ଗଳବାର ଦିନ ସଧବା ମହିଳାମାନେ ପ୍ରାତଃରୁ ସ୍ନାନାଦି କର୍ମ ସାରି ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ବ୍ରତ ରଖିଥାଆନ୍ତି । ମଧ୍ୟାହ୍ନ ସମୟରେ ପୂଜା ସମାପ୍ତି ପରେ ମହିଳାମାନେ ପଣା ପିଇ ସେମାନଙ୍କ ବ୍ରତ ଉପବାସକୁ ଭାଙ୍ଗିଥାଆନ୍ତି । ଏହାପରେ ଅରୁଆ ଅନ୍ନ ଖାଇବାର ପରମ୍ପରା ରହିଛି । କେତେକ ସ୍ଥାନରେ କେବଳ ପଣା ପିଇ ବ୍ରତଧାରୀମାନେ ସେମାନଙ୍କର ବ୍ରତ ସମ୍ପନ୍ନ କରିଥାଆନ୍ତି । ସାଧାରଣତଃ ଚଇତି ମଙ୍ଗଳବାରର ଏହି ପୂଜା ମାର୍ଚ୍ଚ ମଧ୍ୟଭାଗରୁ ଏପ୍ରିଲ ମଧ୍ୟଭାଗ ମଧ୍ୟରେ ପଡ଼ିଥାଏ । ମହିଳାମାନେ ସେମାନଙ୍କର ପରିବାରର ସୁଖ ଓ ସମୃଦ୍ଧି ସହିତ ମଙ୍ଗଳ କାମନା କରି ଏହି ବ୍ରତ ରଖିଥାଆନ୍ତି । ଏହି ପୂଜାକୁ କୌଣସି ନିବୁଜ ଘରେ ନୁହେଁ, ବରଂ ଖୋଲା ଆକାଶ ତଳେ ସାଇପଡ଼ିଶାର ମହିଳାମାନେ ଏକତ୍ରିତ ହୋଇ ପୂଜା କରନ୍ତି । ସାଧାରଣତଃ ବାଟରେ ଏହି ପୂଜା ଆୟୋଜିତ ହେଉଥିବାରୁ ଏହାକୁ ବାଟମଙ୍ଗଳା ଓଷା ନାଁରେ ନାମିତ କରାଯାଇଛି । ରାସ୍ତା ଉପରେ ପଙ୍କେଇ ଖୋଲି ମୁରୁଜ ଓ ଫୁଲରେ ସାଜସଜ୍ଜା କରି ମା'ଙ୍କୁ ପୂଜାର୍ଚ୍ଚନା କରନ୍ତି । ସର୍ବପ୍ରଥମେ ପୂଜାସ୍ଥାନକୁ ପରିଷ୍କାର କରି ଧୋଇ ସେଠାରେ ପଙ୍କେଇ ଖୋଲାଯାଏ । ଏହାପରେ ପୂଜା ଆରମ୍ଭ ହେବା ମାତ୍ରକେ ହଳଦୀ ପାଣିରେ ଗାଧୋଇ ଦିଆଯାଇ ମା' ବାଟମଙ୍ଗଳାଙ୍କୁ ଘିଅ ଦୀପ ସାଙ୍ଗକୁ ସୁଗନ୍ଧିତ ଧୂପରେ ବନ୍ଦାପନା କରାଯାଏ । ସଧବା ମହିଳାମାନେ ସକାଳ ପ୍ରହରରୁ ଖାଦ୍ୟପେୟ ତ୍ୟାଗ କରି ଏହି ପୂଜା କରନ୍ତି । ବାଟମଙ୍ଗଳା ଓଷା ବହି ପଢ଼ି ଶେଷରେ ମା'ଙ୍କୁ ପଣା ଅର୍ପଣ କରି ପୂଜାକୁ ଶେଷ କରିଥାଆନ୍ତି । ଓଡ଼ିଶାର ଏକ ପ୍ରମୁଖ ପର୍ବ ହୋଇଥିବାବେଳେ ଏହାକୁ ସମସ୍ତ ଜାତିର ଲୋକେ ପାଳନ କରନ୍ତି । ଲୋକକଥା ଅନୁଯାୟୀ ଶ୍ରୀୟା ନାମ୍ନୀ ଜଣେ ମହିଳା ମା' ମଙ୍ଗଳାଙ୍କ ପୂଜାରେ ନିଜକୁ ସମର୍ପିତ କରିଦେଇଥିଲା । ମା'ଙ୍କ କୃପା ବର୍ଷିବା ଫଳରେ ସେ ସାତଟି ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନର ଜନନୀ ହୋଇପାରିଥିଲା । ସେହି ରାଜ୍ୟର ରାଜା ସନ୍ତାନହୀନ ଥିଲେ । ତେଣୁ ଶ୍ରୀୟାଙ୍କ ସୁଖ ଦେଖି ରାଜା ଆଦୌ ସହ୍ୟ କରିପାରିଲେ ନାହିଁ । ଯାହାଫଳରେ କ୍ଷୁବ୍ଧ ହୋଇ ଶ୍ରୀୟାଙ୍କ ସମସ୍ତ ସନ୍ତାନ ସନ୍ତତିକୁ ନଦୀମଧ୍ୟକୁ ଫୋପାଡ଼ିଦେଲେ । ହେଲେ ମା'ଙ୍କ କୃପାରୁ ଶ୍ରୀୟାଙ୍କ ସନ୍ତାନ ଓ ସନ୍ତତି ସୁରକ୍ଷିତ ରୂପେ ମୃତ୍ୟୁକୁ ପରାଜୟ କରି ତାଙ୍କ କୋଳକୁ ଫେରିଆସିଲେ । ଏହା ଦେଖି ରାଜା ନିଜ ଭୁଲ ବୁଝିପାରିଲେ ଏବଂ ରାଣୀଙ୍କ ସହିତ ମିଶି ମା' ମଙ୍ଗଳାଙ୍କୁ ପୂଜା କଲେ । ଯାହାଫଳରେ ମା' ମଙ୍ଗଳାଙ୍କ କରୁଣାରୁ ଖୁବ୍‌ଶୀଘ୍ର ଉଭୟ ରାଜା ଓ ରାଣୀ ପୁତ୍ର ସନ୍ତାନର ଜନକ ଜନନୀ ସାଜିଲେ । ସେବେଠାରୁ ଚୈତ୍ର ମାସରେ ଦେବୀ ମା'ଙ୍କ ଉଦ୍ଦେଶ୍ୟରେ ଚଇତି ମଙ୍ଗଳବାର ଓଷା କରାଯାଏ ବୋଲି କୁହାଯାଏ । ଏହି ଆଞ୍ଚଳିକ ପର୍ବ ଆମର ପରମ୍ପରା, ସଂସ୍କୃତି ଏବଂ ଐତିହ୍ୟର ନିଦର୍ଶନ ।

ଦେବୀ ପୁରାଣ ଅନୁଯାୟୀ ମା' ମଙ୍ଗଳା ଏକ ଜଟାମୁକୁଟ ସହିତ ସୁସଜ୍ଜିତ ହୋଇ ସିଂହାସନରେ ବସିଛନ୍ତି । ତାଙ୍କର ଆଠ କିମ୍ବା ଦଶଟି ହାତ ରହିଛି । ସେ ମଙ୍ଗଳା, ସର୍ବମଙ୍ଗଳା, ମଙ୍ଗଳାଚଣ୍ଡି, ବାଟମଙ୍ଗଳା ଭଳି ଅନେକ ନାମରେ ଜଣାଶୁଣା । ମା' ମଙ୍ଗଳା ଜଗତର ସୃଷ୍ଟି ପାଇଁ ବ୍ରହ୍ମାଙ୍କୁ ମାର୍ଗଦର୍ଶନ କରିଥିବାରୁ ସେ ବାଟମଙ୍ଗଳା ନାଁରେ ଜଣାଶୁଣା ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ମା' ମଙ୍ଗଳା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛନ୍ତି । ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଦିନ ମା' ମଙ୍ଗଳାଙ୍କୁ ପୂଜା କରାଯାଏ । କାରଣ ତାଙ୍କୁ ଏହି ଦିନ ଐଶ୍ୱରୀୟ ଶକ୍ତି ପ୍ରାପ୍ତ ହୋଇଥିଲା ବୋଲି କୁହାଯାଏ । ପୁରୀ ଶ୍ରୀମନ୍ଦିର ମଧ୍ୟରେ ଏବଂ ମନ୍ଦିର ଆଖପାଖରେ ଅନେକ ମଙ୍ଗଳା ମନ୍ଦିର ରହିଛି, କିନ୍ତୁ କାକଟପୁରରେ ଥିବା ବାଟମଙ୍ଗଳା ମନ୍ଦିର ରାଜ୍ୟର ସମସ୍ତ ଶକ୍ତିପୀଠ ମଧ୍ୟରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି । କୁହାଯାଏ ଶ୍ରୀବିଗ୍ରହଙ୍କ ନବକଳେବର ସମୟରେ ଦେବୀମା' ନିଜ ସେବକମାନଙ୍କୁ କାଠ ଖୋଜିବା ବିଷୟରେ ଅବଗତ କରାନ୍ତି । ତେଣୁ ପୁରୀ ଶ୍ରୀମନ୍ଦିର ଯିବା ପୂର୍ବରୁ ଶ୍ରଦ୍ଧାଳୁମାନେ କାକଟପୁରରେ ଅଟକି ବାଟମଙ୍ଗଳାଙ୍କୁ ଦର୍ଶନ କରନ୍ତି । ଏହି ମନ୍ଦିରରେ ମା'ଙ୍କର ଦଶମହାବିଦ୍ୟା ମୂର୍ତ୍ତି ସ୍ଥାପନ କରାଯାଇଛି । ସାଧାରଣତଃ ମା' ମଙ୍ଗଳାଙ୍କୁ ଓଡ଼ିଶାର ସବୁ ସ୍ଥାନରେ ଘାଟଦେବୀ ରୂପରେ ପୂଜା କରାଯାଇଥାଏ ।



## ଚଇତି ପଣା

ପଣା ହେଉଛି ଏକ ବିଶେଷ ପ୍ରକାରର ପାନୀୟ ଜଳ । ଏଥିରେ ଦହି, କ୍ଷୀର, ନଡ଼ିଆ, ଗୁଡ଼, କଦଳୀ ଆଦିରେ କାକୁଡ଼ି, ଆମ୍ବ, ସେଓ, ଅଙ୍ଗୁର ଆଦି ଫଳକୁ ଛୋଟ ଛୋଟ କଟାଯାଇ ପ୍ରସ୍ତୁତ କରାଯାଇଥାଏ । ପୂଜା ପରିଶେଷରେ ଏହି ବିଶେଷ ପଣାକୁ ମା' ମଙ୍ଗଳାଙ୍କୁ ଅର୍ପଣ କରାଯାଏ ଏବଂ ସେହି ପଣାକୁ ବ୍ରତଧାରୀମାନେ ପ୍ରସାଦ ରୂପେ ସେବନ କରନ୍ତି । ଏହି ଦିନ ଶ୍ରଦ୍ଧାଳୁମାନେ ରାଜ୍ୟର କୋଣ ଅନୁକୋଣରେ ଥିବା ଶକ୍ତିପୀଠ ଯାଇ ମା'ଙ୍କୁ ଦର୍ଶନ କରିବା ସହିତ ପ୍ରାର୍ଥନା କରନ୍ତି ।




# ଚେନ୍ନାଇରେ ଫାଇନାଲ

ମାର୍ଚ୍ଚ ୨୨ରୁ ଆଇପିଏଲ ବିଗୁଲ ବାଜି ସାରିଛି । କିନ୍ତୁ ପୂର୍ଣ୍ଣାଙ୍ଗ ସୂଚୀ ଘୋଷଣା ହୋଇନଥିଲା। ଏହାକୁ ନେଇ ନାନାଦି ଚର୍ଚ୍ଚା ହେଉଥିଲା। ଏପରିକି ଆଇପିଏଲ୍ ଅଧା ବିଦେଶରେ ଆୟୋଜନ ନେଇ ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ତେବେ ସବୁ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡିଛି ସାଧାରଣ ନିର୍ବାଚନ ସୂଚୀ ଘୋଷଣା ହେବା ସହ । ପୂର୍ଣ୍ଣସୂଚୀ ବିସିସିଆଇ ଜାରି କରିବା ପରେ ହିଁ ଆଇପିଏଲ ଭାରତରେ ସମ୍ପୂର୍ଣ୍ଣ ହେବା ନେଇ ଚିତ୍ର ସ୍ପଷ୍ଟ ହୋଇଛି । ଲୋକସଭା ନିର୍ବାଚନ ପାଇଁ ଫେବୃୟାରୀ ୨୨ରେ ବିସିସିଆଇ ପ୍ରଥମ ପର୍ଯ୍ୟାୟ ଅର୍ଥାତ ପ୍ରଥମ ୧୭ ଦିନର ମ୍ୟାଚ୍ ସୂଚୀ ଜାରି କରିଥିଲା ।

ନିର୍ବାଚନ ଋତୁରେ ମଧ୍ୟ ପୂରା ଆଇପିଏଲ ଭାରତରେ ଖେଳାଯିବ । ସେହିପରି ଚେନ୍ନାଇର ଚେପକ ଷ୍ଟାଡିୟମରେ ୨୦୨୪ ଆଇପିଏଲ ଫାଇନାଲ ହେବ । ବିସିସିଆଇର ଘୋଷଣା ଅନୁଯାୟୀ, ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇଥିବା ଆଇପିଏଲର ୧୭ତମ ସଂସ୍କରଣ ମେ’ ୨୬ ଯାଏ ଚାଲିବ । ଚେନ୍ନାଇର ଐତିହାସିକ ଚେପକ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏହାପୂର୍ବରୁ କ୍ୱାଲିଫାୟର ୧ ଓ ଏଲିମିନେଟର ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ପ୍ରଥମ ପର୍ଯ୍ୟାୟର ଶେଷ ମ୍ୟାଚ୍ ଏପ୍ରିଲ ୭ରେ ଲକ୍ଷ୍ନୌ ଓ ଗୁଜରାଟ ମଧ୍ୟରେ ଖେଳାଯିବ । ଏପ୍ରିଲ ୮ରୁ ହିଁ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହେବ । ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ଚେପକରେ ଅନୁଷ୍ଠିତ ହେବ । ଏହି ମ୍ୟାଚରେ କେକେଆରର ଓ ଚେନ୍ନାଇ ମୁହାଁମୁହିଁ ହେବେ ।

ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଡବଲ ହେଡର ଏପ୍ରିଲ ୧୪ ଖେଳାଯିବ । କେକେଆରର ହୋମ ଗ୍ରାଉଣ୍ଡ ଇଡେନ ଗାର୍ଡେନ୍ସରେ ଲକ୍ଷ୍ନୌ ମ୍ୟାଚ୍ ଖେଳିବ । ଦ୍ୱିତୀୟ ମ୍ୟାଚ୍ ୱାଙ୍ଖେଡେରେ ଆୟୋଜିତ ହେବ । ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗସ ରାତି ସମୟରେ ମ୍ୟାଚ୍ ଖେଳିବେ ।

ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୧୧ଟି ଡବଲ ହେଡର ମ୍ୟାଚ୍ ରହିଛି । ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ କ୍ୟାପିଟାଲ୍ସ ବିଶାଖାପଟନମକୁ ତା’ର ହୋମ ଗ୍ରାଉଣ୍ଡ କରିଛି । ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ଦଳ ଅରୁଣ ଜେଟଲୀ ଷ୍ଟାଡିୟମକୁ ଫେରିବ । ଘରୋଇ ପରିବେଶରେ ଦଳ ତା’ର ପ୍ରଥମ ମ୍ୟାଚ୍ ଏପ୍ରିଲ ୨୦ରେ ଖେଳିବ । ସନ ରାଇଜର୍ସ ହାଇଦ୍ରାବାଦର ସାମ୍ନା କରିବ ଦିଲ୍ଲୀ କ୍ୟାପିଟାଲ୍ସ ।

ଧର୍ମଶାଳା ଓ ଗୌହାଟୀରେ ମଧ୍ୟ ୨ ଲେଖାଏଁ ମ୍ୟାଚ ଖେଳାଯିବ । କାରଣ ପଞ୍ଜାବ କିଙ୍ଗସ ଓ ରାଜସ୍ଥାନ ରୟାଲ୍ସ ଏହି ଦୁଇ ଷ୍ଟାଡିୟମକୁ ଯଥାକ୍ରମେ ନିଜ ନିଜର ହୋମ ଗ୍ରାଉଣ୍ଡ ଭାବେ ଚୟନ କରିଛନ୍ତି । ପଞ୍ଜାବ ମେ’ ୫ରେ ଚେନ୍ନାଇକୁ ଓ ମେ’ ୯ରେ ଆରସିବିକୁ ଧର୍ମଶାଳାରେ ଭେଟିବ ।

ଗୌହାଟୀରେ ରାଜସ୍ଥାନ ମେ’ ୧୫ରେ ପଞ୍ଜାବ ଓ ମେ’ ୧୯ରେ କେକେଆର ସହ ମ୍ୟାଚ୍ ଖେଳିବ । ଏହା ଟୁର୍ଣ୍ଣାମେଣ୍ଟର ଶେଷ ଲିଗ ମ୍ୟାଚ ।



# ଦୁଇମାସ ମୁଁ ସାଧାରଣଲୋକଙ୍କ ଭଳି ଜୀବନ ଜିଇଁଛି

ବିରାଟ ତାଙ୍କ ଦ୍ୱିତୀୟ ସନ୍ତାନ ଜନ୍ମ ସମୟରେ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହିତ ଥିଲେ । ଦୁଇମାସ ଛୁଟିରେ ରହିବା ପ୍ରସଙ୍ଗକୁ ନେଇ ବିରାଟ କହିଛନ୍ତି, ‘ମୁଁ ଭାରତରେ ନଥିଲି । ଏମିତି ଏକ ସ୍ଥାନରେ ଥିଲି ଯେଉଁଠାରେ ଲୋକମୋତେ ଚିହ୍ନି ପାରୁ ନଥିଲେ । ଦୁଇମାସ ପୂରା ପରିବାର ସହିତ ରହିବାର ଓ ଜଣେ ନୂଆ ଅତିଥିଙ୍କୁ ସ୍ୱାଗତ କରିବାର ଅନୁଭବକୁ ମୁଁ ଶବ୍ଦରେ ବଖାଣି ପାରିବି ନାହିଁ । ପରିବାର ସହିତ ମୋତେ ସମୟ ବିତାଇବା ପାଇଁ ସୁଯୋଗ ମିଳେ ନାହିଁ । ଏମିତି ସୁଯୋଗ ଦେଇଥିବାରୁ ମୁଁ ଭଗବାନଙ୍କୁ ଧନ୍ୟବାଦ ଜଣାଇବି । ରାସ୍ତାରେ ମୁଁ କେବେ ସାଧାରଣଲୋକ ଭଳି ଯାଇପାରେ ନାହିଁ । ତେଣୁ ଯେଉଁ ଦୁଇମାସ ଛୁଟି ମୁଁ କଟାଇଛି ସେଠାରେ ସାଧାରଣଲୋକଙ୍କ ଭଳି ରାସ୍ତାରେ ବୁଲିବା ମାର୍କେଟିଂ କରିବା ଆଦିର ଖୁବ ମଜା ଉଠାଇଛି । ଜାଣିନି ଏଭଳି ସୁଯୋଗ ମୋତେ ଦ୍ୱିତୀୟଥର ମିଳି ପାରିବ କି ନାହିଁ । ଫେବୃଆରି ୨୦ରେ ମୁଁ ପୁତ୍ର ସନ୍ତାନର ବାପା ହୋଇଥିଲି । ଅନୁଷ୍କା ଲଣ୍ଡନରେ ଆକାୟଙ୍କୁ ଜନ୍ମ ଦେଇଥିଲେ । ଏହି ଦିନ ଓ ସ୍ଥାନ ମୋ ପାଇଁ ଚିରସ୍ମରଣୀୟ ହୋଇ ରହିବ ।’

ମୁମ୍ବାଇ ଇଣ୍ଡିଆନ୍ସ ଭଳି ଶକ୍ତିଶାଳୀ ଟିମ୍ ବିପକ୍ଷରେ ସନ୍ ରାଇଜର୍ସ ହାଇଦ୍ରାବାଦର ବିଶାଳ ୨୭୭ ରନର ସ୍କୋର୍ ସମସ୍ତଙ୍କୁ ଚକିତ କରିଛି । ଆଇପିଏଲ ଇତିହାସରେ ବିରଳ ରେକର୍ଡ କରି ହାଇଦ୍ରାବାଦ ଯେତିକି ପ୍ରଶଂସିତ ନ ହେଉଛି ତାଠୁ ଅଧିକ ସମାଲୋଚନାର ଶିକାର ହେଉଛି ମୁମ୍ବାଇ । ଏଥିପାଇଁ କ୍ରିକେଟ ପ୍ରେମୀ ନୂଆ କରି ନେତୃତ୍ୱ ନେଇଥିବା ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦାୟୀ କରୁଥିବା ବେଳେ ଟିମ୍ ଇଣ୍ଡିଆର ପୂର୍ବତନ ଷ୍ଟାର୍

# ହାର୍ଦ୍ଦିକଙ୍କ ଅଧିନାୟକତ୍ୱ ଅତି ସାଧାରଣ

କ୍ରିକେଟର ଇର୍ଫାନ ପଠାନ ମଧ୍ୟ ହାର୍ଦ୍ଦିକଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଇର୍ଫାନ ପଠାନ କହିଛନ୍ତି ହାର୍ଦ୍ଦିକଙ୍କ ଅଧିନାୟକତ୍ୱ ଅତି ସାଧାରଣ ଥିଲା । ଯଶପ୍ରୀତ ବୁମରାଙ୍କ ସ୍ଥାନରେ ସେ ପ୍ରଥମ ଓଭର ବୋଲିଂ କରିବା ଏବଂ ତାଙ୍କ ଷ୍ଟ୍ରାଇକ୍ ରେଟକୁ ନେଇ ବିରକ୍ତ ଭାବ ପ୍ରକାଶ କରିଥିଲେ ଇର୍ଫାନ୍ । ପଠାନ ଟ୍ୱିଟର ପୋଷ୍ଟରେ ଲେଖିଥିଲେ, ବୁମରାଙ୍କୁ ବିଳମ୍ବରେ ବୋଲିଂ ଦେବାର କାରଣ କ'ଣ ମୁଁ ବୁଝିପାରୁନି । ୨୭୮ ରନର ଟାର୍ଗେଟକୁ ପିଛା କରି ମୁମ୍ବାଇ ୨୪୬/୫ ରନ୍ କରିଥିଲା । ପାଣ୍ଡ୍ୟା କିନ୍ତୁ ୨୦ ବଲରେ ୨୪ ରନ୍ କଲେ । ଯଦି ଅନ୍ୟ ଖେଳାଳିମାନେ ୨୦୦ ଷ୍ଟ୍ରାଇକ୍ ରେଟ୍ ସହ ଖେଳୁଥିଲେ, ତେବେ କ୍ୟାପ୍ଟେନ ୧୨୦ ଷ୍ଟ୍ରାଇକ୍ ରେଟ୍ ସହ





ବ୍ୟାଟିଂ କଲେ । କିଏ କ'ଣ କେବେ ଭାବିଥିଲା ମୁମ୍ବାଇ ବିପକ୍ଷରେ କୌଣସି ଦଳ ଏତେ ସ୍କୋର୍ କରିପାରିବ । ହାଇଦ୍ରାବାଦ ବିପକ୍ଷରେ ମୁମ୍ବାଇ ୨୭୮ ରନର ଟାର୍ଗେଟକୁ ପିଛା କରି ୫ ୱିକେଟ ହରାଇ ୨୪୬ରେ ଅଟକି ଯାଇଥିଲା । ରୋହିତ ଶର୍ମା ୨୬(୧୨), ଇଶାନ କିଶାନ ୩୪(୧୩), ନମନ ଧୀର ୩୦(୧୪), ତିଲକ ବର୍ମା ୬୪(୩୪), ଟିମ ଡେଭିଡ ୨୨(୪୨), ରୋମାରିଓ ଶେଫର୍ଡ ୧୫(୬) ରନ୍ କରିଥିବା ବେଳେ ହାର୍ଦ୍ଦିକ ୨୦ ବଲରେ ୨୪ ରନ୍ କରିଥିଲେ । ତେଣୁ ହାର୍ଦ୍ଦିକଙ୍କ ନେତୃତ୍ୱ ଅତି ମାମୁଲୀ ପରି ଲାଗୁଛି ।



# ନିଜକୁ ଭଗବାନ ଭାବୁ ନାହାନ୍ତି ତ ହାର୍ଦ୍ଦିକ

ଚଳିତ ଆଇପିଏଲରେ ରୋହିତ ଶର୍ମାଙ୍କ ବଦଳରେ ମୁମ୍ବାଇ ଇଣ୍ଡିଆନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ନିଯୁକ୍ତ କରିଛି । ଅବଶ୍ୟ ଏହା ସମୀକ୍ଷକ, ପ୍ରଶଂସକ କିମ୍ବା ସାଥୀ ଖେଳାଳି କାହାକୁ ହଜମ ହୋଇନି । ହାର୍ଦ୍ଦିକଙ୍କ ନେତୃତ୍ୱରେ ମୁମ୍ବାଇ ନୈରାଶ୍ୟଜନକ ଢ଼ଙ୍ଗରେ ତାର ଅଭିଯାନ ଆରମ୍ଭ କରିଛି । ଟସ ଜିତି ପ୍ରଥମ ମ୍ୟାଚରେ ଫିଲ୍ଡିଂ ନେବା ମଧ୍ୟ କାହାକୁ ପସନ୍ଦ ଆସି ନ ଥିଲା । ଅବଶ୍ୟ କିରନ ପୋଲାର୍ଡ ଏହା ଟିମ ରଣନୀତି ବୋଲି ପରେ କହିଥିଲେ । ତେବେ ସେ ଯାହା ହେଉ, ହାର୍ଦ୍ଦିକ ଅଧିନାୟକ ହେବା ପରେ ରୋହିତଙ୍କ ପ୍ରତି ପ୍ରଶଂସକଙ୍କ ଭଲ ପାଇବା ବୃଦ୍ଧି ପାଇଛି । ଗୁଜରାଟରେ ଏହାର ନମୂନା ଦେଖିବାକୁ ମିଳିଛି । ରୋହିତ...ରୋହିତରେ ଷ୍ଟାଡିୟମ ଗର୍ଜୁଥିବା ବେଳେ ହାର୍ଦ୍ଦିକ ଅବଶ୍ୟ ହସୁଥିଲେ । ନିଜକୁ ଅଧିନାୟକ ପ୍ରମାଣିତ କରିବା ପାଇଁ ସେ ରୋହିତଙ୍କୁ ୨୦ତମ ଓଭର ବାଉଣ୍ଡରୀ ନିକଟକୁ ପଠାଇଥିଲେ । ସେଥିରେ ପୁଣି ତାଙ୍କୁ ବାମକୁ...ଡାହଣକୁ କହି ଦୌଡାଇଥିଲେ । ୫ ଥର ମୁମ୍ବାଇକୁ ଚାମ୍ପିଅନ କରାଇଥିବା ଅଧିନାୟକ ପ୍ରତି ଏ ଭଳି ବ୍ୟବହାର ଦର୍ଶକ ପସନ୍ଦ କରି ନ ଥିଲେ । ହାର୍ଦ୍ଦିକ ଏହି ଦାୟିତ୍ୱ ହାତେଇବା ପରେ ନିଜକୁ ଭଗବାନ ମନେ କରୁ ନାହାନ୍ତି ତ ? ପୂର୍ବରୁ ସାଥୀ ଖେଳାଳିଙ୍କୁ ଗାଳି ଦେବାଠାରୁ ଆରମ୍ଭ କରି ଅନେକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛନ୍ତି । ରୋହିତ ଟି୨୦ ବିଶ୍ୱକପରେ ଭାରତର ଅଧିନାୟକ ହେବେ । ସେ କ'ଣ ହାର୍ଦ୍ଦିକଙ୍କୁ ଟାର୍ଗେଟ କରିବେ । ଅବଶ୍ୟ ଜଣେ ଅଭିଜ୍ଞ ଖେଳାଳି ଭାବେ ରୋହିତ ଏ ଭଳି ଭୁଲ କରିବେ ନାହିଁ । ମହମ୍ମଦ ସାମୀ, ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମରାହ ଓ ବିରାଟ କୋହଲିଙ୍କୁ ହାର୍ଦ୍ଦିକ ଅବମାନନା କରୁଥିବା ଦେଖିବାକୁ ମିଳିଛି । ତାଙ୍କ ଭାଇ କ୍ରୁନାଲ ପାଣ୍ଡ୍ୟା ଲକ୍ଷ୍ନୌ ସୁପର ଜ୍ୟାଂଟସର ଅଧିନାୟକ ଦାୟିତ୍ୱ ତୁଲାଇ ସମାଲୋଚିତ ହୋଇଥିଲେ । ତାଙ୍କୁ ଏବେ କୌଣସି ଦାୟିତ୍ୱ ପ୍ରଦାନ କରାଯାଇ ନାହିଁ । ହାର୍ଦ୍ଦିକ ଜଣେ ଭଲ ଅଲରାଉଣ୍ଡର, ଖେଳର ଗାରିମା ବଂଚାଇ ରଖିବା ସହ ଖେଳୁଆଡ ମନୋଭାବରେ ଖେଳିବା ଉଚିତ ।

# ସେଲିବ୍ରିଟି ମେକଅପ୍ ଆର୍ଟିଷ୍ଟ ନମ୍ରତା



**ପାଇଲଟ୍ ଓ ଓକିଲ ହେବାର ସ୍ୱପ୍ନ ଦେଖିଥିଲେ । ହେଲେ ଭାଗ୍ୟରେ ଥିଲା କିଛୁ କିଛି ଅଲଗା । ମା'ଙ୍କୁ ମେକଅପ୍ ଓ ଡ୍ରେସ୍‌ଅପ୍ କରାଇ ଧୀରେ ଧୀରେ ମେକଅପ୍ ଆର୍ଟିଷ୍ଟ ହେବାର ଇଚ୍ଛା ତାଙ୍କ ହୃଦୟରେ ଘର କରିନେଇଥିଲା । ଯାହାଫଳରେ ଆଜି ଜଣେ ଲୋକପ୍ରିୟ ସେଲିବ୍ରିଟି ମେକଅପ୍ ଆର୍ଟିଷ୍ଟ ରୂପେ ପରିଚୟ ହାସଲ କରିଛନ୍ତି ନମ୍ରତା ସୋନି ।**

ନମ୍ରତା ସୋନି ହେଉଛନ୍ତି ଜଣେ ଭାରତୀୟ ମେକଅପ୍ ଆର୍ଟିଷ୍ଟ, ଯିଏ ତାଙ୍କ ସିଗ୍‌ନେଚର ଲୁମିନସ୍ ସ୍କିନ୍ ମେକଅପ୍ ଲୁକ୍ ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଭୋଗ୍, ଏଲ୍ ଅଫିସିଆଲ୍, ଏଲି, ହାର୍ପର୍ସ ବଜାର, କସ୍ମୋପଲିଟାନ୍, ମ୍ୟାରି କ୍ଲେୟାର୍, ଫେମିନା ପ୍ରମୁଖ ବିଶ୍ୱର ଟପ୍ ପବ୍ଲିକେସନ୍ ସହିତ ସେ କାର୍ଯ୍ୟ କରନ୍ତି । ଓମ୍ ଶାନ୍ତି ଓମ୍ ଠାରୁ ଆରମ୍ଭ କରି କଭି ଅଲବିଦା ନା କେହନା, ମେ ହୁଁ ନା, ସଲାମ୍ ନମସ୍ତେ, ଆୟେଶା ଆଦି ଅନେକ ଫିଲ୍ମରେ ମଧ୍ୟ ତାଙ୍କ କାର୍ଯ୍ୟର ଝଲକ୍ ଦେଖିବାକୁ ମିଳିଛି । ଏସମସ୍ତ ଫିଲ୍ମରେ ଲିଡ୍‌ରେ ନଜର ଆସିଥିବା ଆକ୍ଟ୍ରେସ୍‌ମାନଙ୍କୁ ନମ୍ରତା ତାଙ୍କ ମେକଅପ୍ ତୂଳିରେ ସଜାଇଛନ୍ତି । ୧୯୯୪ ମସିହା ଅକ୍ଟୋବର ୬ରେ ମୁମ୍ବାଇରେ ଜନ୍ମିତ ନମ୍ରତାଙ୍କଠାରେ ପିଲାଦିନେ ପାଇଲଟ୍ କିମ୍ବା ଓକିଲ ହେବାର ଇଚ୍ଛା ମଉଳିଥିଲା । ହେଲେ ତାଙ୍କ ମା'ଙ୍କ ଡ୍ରେସ୍‌ଅପ୍ ଓ ମେକ୍‌ଅପ୍‌କୁ ସେ ସର୍ବଦା ପ୍ରାଥମିକତା ଦେଉଥିଲେ । ଯାହା ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ମଧ୍ୟରେ ମେକଅପ୍ ପ୍ରତି ଅହେତୁକ ଦୁର୍ବଳତା ଭରିଦେଲା । ସେ ପିଲାଦିନେ ବୋର୍ଡିଂ ସ୍କୁଲ୍‌ରେ ରହି ପାଠ ପଢୁଥିଲେ । ଯେଉଁଠି ସେ ତାଙ୍କ ସାଙ୍ଗସାଥୀଙ୍କର କେଶ କାଟିଦିଅନ୍ତି । ଏହାପରେ ମା'ଙ୍କ ପରାମର୍ଶକ୍ରମେ କଲେଜ ଦିନରେ ଇଣ୍ଟର୍ଣ୍ଣସିପ୍ କରିବାକୁ ଯାଇ ମେକଅପ୍ ଆର୍ଟିଷ୍ଟ ତଥା ହେୟାର ଆର୍ଟିଷ୍ଟ କୋଲୀନ୍ ଖାନ୍‌ଙ୍କୁ ହେୟାର ଷ୍ଟାଇଲିଷ୍ଟ ରୂପେ ଆସିଷ୍ଟ କରିବା ଲାଗି ଆଗେଇ ଆସିଲେ । ପରେ କୋନୀଲ୍ ନମ୍ରତାଙ୍କୁ ମେକଅପ୍ ଓ ହେୟାରଷ୍ଟାଇଲ୍‌ରେ ପ୍ରଫେସନାଲ୍ ଗ୍ରୁମିଂ କୋର୍ସ କରିବା ଲାଗି ଉତ୍ସାହିତ କଲେ । ଯାହାଫଳରେ ଲଣ୍ଡନର ଦିଲେମାର ମେକଅପ୍ ଏକାଡେମୀରେ ମେକଅପ୍ ଆର୍ଟ କୋର୍ସ କରି ସେ ଏବେ ଏଥିରେ ପାରଙ୍ଗମ ହୋଇପାରିଛନ୍ତି । ତେବେ ଇଣ୍ଡଷ୍ଟ୍ରିରେ ନାଁ କମାଇବା ତାଙ୍କ ପାଇଁ ସେତେଟା ସହଜ ନଥିଲା । କ୍ୟାରିୟରର ପ୍ରଥମ ପାହାଚରେ ଏକାଧିକ ଫିଲ୍ମରେ ମେକଅପ୍ ଆର୍ଟିଷ୍ଟ ରୂପେ କାର୍ଯ୍ୟ କରିବା ପରେ ଲୋକପ୍ରିୟ ଆର୍ଟିଷ୍ଟମାନଙ୍କୁ ଆସିଷ୍ଟ କରି ଆଜି ସେ ଏହି ସଫଳତା ହାସଲ କରିପାରିଛନ୍ତି । ବିଶ୍ୱର ଟପ୍ ଟପ୍ ପବ୍ଲିକେସନ୍‌ରେ ତାଙ୍କର କାର୍ଯ୍ୟ ସ୍ଥାନ ପାଇସାରିଛି । ସୋନମ୍ କପୁର, ଶାହରୁଖ ଖାନ୍, ସୋନାକ୍ଷୀ ସିହ୍ନା, ଜାହ୍ନବୀ କପୁର ପ୍ରମୁଖଙ୍କ ଭଳି ଅନେକ ତାରକାଙ୍କ ସହିତ ସେ କାମ କରିସାରିଛନ୍ତି । ତାଙ୍କର କାମ ପାଇଁ ତାଙ୍କୁ ଦାଦାସାହେବ ଫାଲକେ ପୁରସ୍କାର ସହିତ ଭୋଗ୍ ବିୟୁଟି ଆୱାର୍ଡ୍ସ, ଭୋଗ୍ ଇଣ୍ଡଷ୍ଟ୍ରି ସୁପର ହିରୋ, ଏଲି ବିୟୁଟି ଆଇକନ୍, ଫେମିନା ୱିମେନ୍ ଅଫ୍ ଦି ଇଅର, କସ୍ମୋପଲିଟାନ୍ ମେକଅପ୍ ଆର୍ଟିଷ୍ଟ ଅଫ୍ ଦି ଇଅର, ଆଇଫା ଆଦି ଅନେକ ଆୱାର୍ଡ ମିଳିସାରିଛି ।